## ଆଜି କ'ଣ କେଉଁଠି

**ଅନୁଗୋଳ**

■ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ
ସ୍ଥାନ- ଜିଲାପାଳଙ୍କ ସମ୍ମିଳନୀ କକ୍ଷ
ସମୟ- ଅପରାହ୍ନ ୪ ଘଟିକା।

■୫୫ତମ ଆରକ୍ଷୀ ବେସାମରିକ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ
ସ୍ଥାନ- ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ
ସମ- ପୂର୍ବାହ୍ନ ୯ ଘଟିକା।

## ସଂକ୍ଷେପରେ

### ଖୁଦୁରୁକୁଣୀ ପୂଜା ଭସାଣି



ବନ୍ତଳା, ୧୨।୯(ଡି.ଏନ.ଏ.)- ବନ୍ତଳା ଥାନା ପୋକତୁଙ୍ଗା ସଡ଼କସାହି ଏ୧ ଲାୟନ୍ସ କ୍ଲବ ପକ୍ଷରୁ ବୁଧବାର ଖୁଦୁରୁକୁଣୀଙ୍କ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଲାଇଟ, ସାଉଣ୍ଡ, ଲଉଡି ଖେଳ, ସିଙ୍ଗ ବାଜା, ଘଣ୍ଟ ବାଜା ଓ ଆତସ ବାଜିରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇ ବିଦାୟ ଦିଆଯାଇଥିଲା। ୮ ହଜାର ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା ହୋଇଥିଲା। କମିଟି ସଭାପତି ଅରି ସାହୁ,ସମ୍ପାଦକ ଚିକନ ବେହେରା, ମୁନା ପ୍ରଧାନ, ପିଙ୍କୁ ସାହୁ, ରଞ୍ଜିତ ବେହେରା, ଟିକନ ବେହେରା, ସଞ୍ଜିତ ବେହେରା, ବାପୁନ ଦେହୁରୀ, ଅରୁଣ ଦେହୁରୀ, ରଞ୍ଜିତ ସାହୁ, ଲିକନ ବେହେରା, ପଦନ ପ୍ରଧାନ, ତପନ ପ୍ରଧାନ, ରିତେସ ପ୍ରଧାନ, ରିଙ୍କୁ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ୫୪୫ ଭିନ୍ନକ୍ଷମ ପଞ୍ଜୀକୃତ

ଆଠମଲ୍ଲିକ,୧୨।୯ (ଡି.ଏନ.ଏ.): ସ୍ଥାନୀୟ ମହେନ୍ଦ୍ର ହାଇସ୍କୁଲ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଶିବିରରେ ୫୪୫ ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଡା. ଜିଆର ବିଶ୍ୱାଳ, ଡା. ଏସ. ପାତ୍ର, ଡା. ସୁନୀଲ କୁମାର ପଣ୍ଡା, ଡା. ଦେବାଶିଷ ଭଞ୍ଜ, ଡା. ଏସ୍ ପ୍ରସାଦ, ଅଡିଓଲୋଜିଷ୍ଟ ରାଜୀବ୍ ଲୋଚନ ଭୋଇ, ଚକ୍ଷୁ ବିଭାଗର ଟେକ୍ନିସିଆନ ପ୍ରହ୍ଲାଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ରୋପଣ ନିମନ୍ତେ ୧୩ ଜଣଙ୍କୁ ଚିହ୍ନଟ କରାଯାଇଛି। ଶିବିରରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ତହସିଲଦାର ବାସୁଦେବ ମହାପାତ୍ର, ବ୍ଲକ ଅଧକ୍ଷା ମିନାକ୍ଷି ଦଳେଇ, ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ରବିନ୍ କୁମାର ଦାଶ, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ବ୍ଲକ ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ରାଉତ, ମହେନ୍ଦ୍ର ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ, ସମାଧାନ ଏନଜିଓର ବିନୟ କୁମାର ପଟ୍ଟନାୟକ, ମହେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଧରାହେଲେ ୪ ମଦ୍ୟପ ଡ୍ରାଇଭର

ଅନୁଗୋଳ ଅଫିସ, ୧୨।୯- ମଦ୍ୟ ପାନ ପରେ ଗାଡ଼ି ଚଳାଉଥିବା ୪ଜଣ ମଦ୍ୟପଙ୍କୁ ଗୁରୁବାର ଅନୁଗୋଳ ପୋଲିସ ଗିରଫ କରିଛି। ମୋଟର ଯାନ ଆଇନ ଅନୁଯାୟୀ ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗାନ୍ଧୀ ଛକ, ହୁଲୁରିସିଂହା, ବସଷ୍ଟାଣ୍ଡ ଓ ପ୍ରଗତି ନଗର ଅଞ୍ଚଳରୁ ବିକ୍ରମପୁର ଥାନା ଗୋବରା ଗାଁର ଅକ୍ଷୟ ବେହେରା, ତାଳଚେର ଥାନା ଗୁରୁଜାଙ୍ଗ ଗାଁର ଶାରଦା ପ୍ରସାଦ ପାଣି, ହଣ୍ଡପା ଥାନା ବଡ଼ତାଙ୍ଗିଆ ଗାଁର ଅଇଁଠୁ ବେହେରା ଓ ଦେବଗଡ଼ ଜିଲା କୁଣ୍ଡେଇଗୋଳ ଥାନା ଗମ୍ଭାରିପାଳର ମନୋଜ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ଏଥିସହ ୪ଟି ଗାଡ଼ି ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବଳାତ୍କାର ଅଭିଯୁକ୍ତ ଗିରଫ

ଆଠମଲ୍ଲିକ, ୧୨।୯(ଡି.ଏନ.ଏ.)- ବଳାତ୍କାର ଅଭିଯୋଗରେ ଫେରାର ଥିବା କନ୍ଦପୁର ଗ୍ରାମର ସୁଶୀଲ ବେହେରା(୨୫)ଙ୍କୁ ଆଠମଲ୍ଲିକ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୁଶୀଲ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୮୨/୧୯ରେ ଏକ ମାମଲା ରୁଜୁ କରିଥିବାବେଳେ ସୁଶୀଲ ଫେରାର ଥିଲେ। ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସ ତାଙ୍କୁ ବୌଦ୍ଧରୁ ଗିରଫ କରିଥିବା ଜଣାପଡିଛି।

■ଆଜି ଅନୁଗୋଳ ଆସିବେ ଯୁଗ୍ମ ଶାସନ ସଚିବ

# ବୁଲିବେ ଏମ୍‌ସିସି, ଭେଟିବେ ସ୍ୱଚ୍ଛ ସାଥୀଙ୍କୁ

ଅନୁଗୋଳ ଅଫିସ, ୧୨।୯

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଶୁକ୍ରବାର ପୂର୍ବାହ୍ନରେ ଅନୁଗୋଳ ଗସ୍ତରେ ଆସିବେ। ଏ ନେଇ ସରକାରଙ୍କ ପକ୍ଷରୁ ଚିଠି ଆସିବା ପରେ ଚଳଚଞ୍ଚଳ ହୋଇପଡ଼ିଛି ପୌରପାଳିକା। ଗୁରୁବାର ସକାଳୁ ସହରର ବିଭିନ୍ନ ସ୍ଥାନରେ ଜମା ହୋଇଥିବା ଅଳିଆକୁ ସଫା କରାଯାଇଥିବା ବେଳେ ପୌରନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ସୁବ୍ରତ କୁମାର ବେହେରା କର୍ମଚାରୀଙ୍କୁ ନେଇ ଏକ ବୈଠକ କରିଛନ୍ତି। ଏହି ଗସ୍ତ ସମୟରେ ସଚିବ ସହରରେ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ନିର୍ମାଣ ହେବାକୁ ଥିବା ତିନୋଟି ସ୍ଥାନ ପରିଦର୍ଶନ କରିବେ। ଏଥିସହ ବିଭିନ୍ନ ୱାର୍ଡର ୧୮ ଜଣ ସ୍ୱଚ୍ଛ ସାଥୀଙ୍କ ସହ ଆଲୋଚନା କରି ଲୋକଙ୍କୁ ସେମାନେ କିପରି ସଚେତନ କରୁଛନ୍ତି ତାହା ସମୀକ୍ଷା କରିବେ। ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସହରକୁ ଚକାଚକ୍ କରାଯାଇଛି। ହରିମହୁରୀ ଛକରୁ ଡେଲି ମାର୍କେଟ ଯାଏ ସଫେଇ କରାଯାଇଛି। ସୂଚନା ମୁତାବକ ଏମ୍‌ସିସି ପାଇଁ ପୌରପାଳିକା ପକ୍ଷରୁ ୩ଟି ସ୍ଥାନ ବଛାଯାଇଛି। ସହରର ୧୪ ନମ୍ବର ୱାର୍ଡ ମତ୍ସ୍ୟ ସମ୍ପଦ ବିଭାଗ କାର୍ଯ୍ୟାଳୟ ପଛ ପାଖ, ୩ ନମ୍ବର ୱାର୍ଡ ହେମସୁରପଡ଼ା ଦୁର୍ଗାମଣ୍ଡପ ପାଖ, ୮ ନମ୍ବର ୱାର୍ଡ ହୁଲୁରିସିଂହା କମ୍ୟୁନିଟି ସେଣ୍ଟର ପାଖ ଜାଗାରେ ଏହି କମ୍ପୋଷ୍ଟ ସେଣ୍ଟର କରିବାକୁ ସ୍ଥିର କରାଯାଇଛି। ଟେକ୍ନିକାଲ କମିଟି ମଞ୍ଜୁରୀ ପାଇଁ ସରକାରଙ୍କୁ ଡିପିଆର ପଠାଯାଇଥିବାବେଳେ ତହସିଲଦାରଙ୍କୁ ଏହି ସବୁ ଜାଗା ମଧ୍ୟ ମଗାଯାଇ ମଞ୍ଜୁର



ଯୁଗ୍ମଶାସନ ସଚିବଙ୍କ ଗସ୍ତ ପୂର୍ବରୁ ସହର ରାସ୍ତା ସଫେଇ ଚାଲିଛି।

■ପୌରପାଳିକା ପକ୍ଷରୁ ଚାଲିଛି ପ୍ରସ୍ତୁତି
■ସହର ସଫେଇ ସହ କାର୍ଯ୍ୟାଳୟରେ ବୈଠକ
■ଅଳିଆ ସମସ୍ୟା ସମାଧାନ ଲକ୍ଷ୍ୟ

ସରିଛି। ସହରରେ ପଡୁଥିବା ଓଦା ଅଳିଆ ଓ ଶୁଖିଲା ଅଳିଆ ଅଲଗା ହେବା ପରେ ଓଦା ଅଳିଆ ଏମ୍‌ସିସିକୁ ଆସିବାକୁ ଥିବାବେଳେ ଶୁଖିଲା ଅଳିଆ ଏକ ସିମେଣ୍ଟ କାରଖାନାକୁ ପ୍ରଦାନ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ଓଦା ଅଳିଆକୁ ମିଶାଇ ସେଥିରୁ ଜୈବିକ ସାର ଗୋଳା ସବୁ ତିଆରି କରାଯାଇ ବିକ୍ରି ହେବ। ଏହାଦ୍ୱାରା ପୌରପାଳିକାର ରାଜସ୍ୱ ବଢ଼ିବା ସହ ଦୀର୍ଘ ବର୍ଷ ହେଲା ଡମ୍ପିୟାର୍ଡ ସମସ୍ୟାକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ମୁକ୍ତି ମିଳିବ। ଏହି ନୂଆ ପ୍ରକଳ୍ପ ପାଇଁ ପୌରପାଳିକା ପକ୍ଷରୁ ୪ କୋଟି ୪୮ ଲକ୍ଷ ୩୮ ହଜାର ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇଛି। ପ୍ରତି ଏମ୍‌ସିସିରେ ୧୪ଟି ଟାଙ୍କି ତିଆରି ହେବ। ୭ଟିରେ ଓଦା ଓ ଅନ୍ୟ ୭ଟିରେ ଶୁଖିଲା ଅଳିଆ ଭର୍ତ୍ତି ହେବ। ଓଦା ଅଳିଆରେ ବିଭିନ୍ନ ଦେଶୀ ସାମଗ୍ରୀ ଭାଗମାପରେ ଫେଣ୍ଟାଫେଣ୍ଟି କରି ଘୋଡ଼ାଯିବ। ସାତ ଦିନ ପରେ ଅଳିଆ ଖତ ପାଲଟି ଯିବ। ଏହି ଖତକୁ ନଡ଼ିଆ ଆକୃତିର ଗୋଲାକାର କରି ଜୈବିକ ସାର ଭାବେ ବିକ୍ରି କରାଯିବ। ସେହିପରି ଶୁଖିଲା ଅଳିଆକୁ ଅଲଗା ଅଲଗା କରି ପୌରପାଳିକା ଏକ ସିମେଣ୍ଟ କମ୍ପାନୀକୁ ବିକ୍ରି କରି ସେଥିରୁ ଟଙ୍କା ରୋଜଗାର କରିବ ବୋଲି ସୂଚନା ମିଳିଛି। ଏହି ପ୍ରକଳ୍ପ ପାଇଁ ଘରକୁ ଘର ବୁଲି ପୌରପାଳିକା ଓଦା, ଶୁଖିଲା ଅଳିଆକୁ ଓଜନ କରୁଛି। ଏ ନେଇ ପୌରପାଳିକା ପକ୍ଷରୁ ୨୩ ୱାର୍ଡରେ ୧୮ଜଣ ସ୍ୱଚ୍ଛ ସାଥୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଲୋକମାନଙ୍କୁ ସଚେତନ କରିବା ପାଇଁ ଘର ଘର ବୁଲି ଏ ନେଇ ଅବଗତ କରୁଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି, ସଚିବଙ୍କ ପାଇଁ ନୁହେଁ, ସହର ସଫେଇ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ସଚିବ ୩ଟି ଏମ୍‌ସିସି ପରିଦର୍ଶନ ସହ ସ୍ୱଚ୍ଛ ସାଥୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

■ଆକର୍ଷଣୀୟ ହେବ ବିଶ୍ୱକର୍ମା ପୂଜା

# ସିପିପି ସିଏଣ୍ଡଆଇର ଚନ୍ଦ୍ରୟାନ-୨ ତୋରଣ



ନାଲ୍‌କୋ ସିପିପି ସିଏଣ୍ଡଆଇ ପୂଜା କମିଟି କର୍ମକର୍ତ୍ତା।

ବଅଁରପାଳ, ୧୨।୯ (ଡି.ଏନ୍.ଏ.)

ଆସନ୍ତା ୧୭ ତାରିଖ ବିଶ୍ୱକର୍ମା ପୂଜା ପାଇଁ ନାଲ୍‌କୋଠାରେ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ତେବେ ମୋବାଇଲ ସିପିପି ସିଏଣ୍ଡଆଇ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ସମସ୍ତ କାରୁକାର୍ଯ୍ୟ ବିଦ୍ୟୁତ୍ ଚାଳିତ ଯନ୍ତ୍ରାଂଶରେ କରାଯିବ। ବିଶେଷକରି ଚନ୍ଦ୍ରୟାନ-୨ର ପ୍ରୋଜେକ୍ଟକୁ ଉପସ୍ଥାପନ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଲାଟେଷ୍ଟ ଇଲେକ୍ଟ୍ରିକାଲ୍ ଟେକ୍ନୋଲୋଜି ଉପରେ ଆଧାରିତ ସମସ୍ତ କାର୍ଯ୍ୟ ତୋରଣ ଓ ପୂଜା ମଣ୍ଡପରେ ହେବ। ପୃଥିବୀ ପୃଷ୍ଠରୁ ଚନ୍ଦ୍ରକୁ କିଭଳି ଅଭିଯାନ କରାଯାଇଛି ତାହା ଏଥିରେ ଉପସ୍ଥାପନ କରାଯିବ। ଏଥିପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ରଖାଯାଇଛି। ସେହିପରି ଲୋକ ସଚେତନତା ଉପରେ ବିଭିନ୍ନ ପ୍ରକାର କାର୍ଟୁନ ମୂର୍ତ୍ତି ନିର୍ମାଣ କରାଯାଇଛି।

ଏ ସମ୍ପର୍କରେ ପୂଜା କମିଟି ସମ୍ପାଦକ ପ୍ରଶାନ୍ତ ବେହେରା କୁହନ୍ତି, ଚଳିତ ବର୍ଷ ଚନ୍ଦ୍ରୟାନ-୨ର ପ୍ରୋଜେକ୍ଟକୁ ମଣ୍ଡପରେ ଉପସ୍ଥାପନ କରାଯାଇଛି। ଉପଦେଷ୍ଟା ବନମାଳୀ ସେଠୀ, କେଦାର ମହାନ୍ତି ଓ ବାବାଜୀ ବେହେରା ପ୍ରମୁଖ କୁହନ୍ତି, ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ବଜେଟ୍‌ରେ ପୂଜା ମଣ୍ଡପ ନିର୍ମାଣ ହେଉଛି। ୧ ଶହରୁ ଊର୍ଦ୍ଧ୍ୱ ସଭ୍ୟ ଏହି ପୂଜାରେ ସାମିଲ ହୋଇଛନ୍ତି। ଏଥର ପୂଜା ମଣ୍ଡପ ଦର୍ଶକମାନଙ୍କୁ ନିଶ୍ଚିତ ଭାବେ ଆକର୍ଷିତ କରିବ।

# ମଦ ଜବତ, ୬ ଗିରଫ

ଅନୁଗୋଳ ଅଫିସ, ୧୨।୯

ଅନୁଗୋଳ ସହର ଉପକଣ୍ଠ ତୁବେ, ସାକସିଂହା, ହମାମିରା, ଧୋକଟା, ଅମାତପୁର ଗାଁରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୮୬ ଲିଟର ଦେଶୀ ମଦ ଜବତ ସହ ୭୦ କିଲୋଗ୍ରାମ ପୋଚ ନଷ୍ଟ କରାଯାଇଥିବା ଅବକାରୀ ଅଧିକାରୀ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଶରତ ଦେହୁରୀ, ଅତୁଳ ବେହେରା, ରାଣୀ ବେହେରା, ଦୁଲେଇ ବେହେରା, ଗଗନ ବେହେରା ଓ ବସନ୍ତ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ଛେଣ୍ଡିପଦା,୧୨।୯(ଡି.ଏନ.ଏ.)



ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ଗୁରୁବାର ଏକ ଦନ୍ତା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ସ୍ୱର୍ଗତ ନରହରି ମାଝିଙ୍କ ସ୍ତ୍ରୀ ପାର୍ବତୀ ମାଝି(୬୨)। ଘର ନିକଟରେ ଥିବା ଜାମୁଇଲା ଆଡକୁ ଶୌଚ ପାଇଁ ଯାଇଥିବାବେଳେ ଏକ ଦନ୍ତା ହାବୁଡରେ ପଡିଯାଇଥିଲେ। ହାତୀଟି ଶୁଣ୍ଢରେ କଚାଡି ଦେବା ଯୋଗୁ ତାଙ୍କ ଗୋଡ ଭାଙ୍ଗି ଯାଇଛି। ଏ ସମ୍ପର୍କରେ ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ଗ୍ରାମବାସୀ ଜଣାଇବା ସହ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ଗୁରୁତରଙ୍କୁ ଉପଯୁକ୍ତ ଚିକିତ୍ସା ସହ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ଫରେଷ୍ଟର କଳାକାର ପ୍ରଧାନ ଏବଂ ବିଭାଗୀୟ କର୍ମଚାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିବା ଜଣାପଡିଛି।

# ସାପ କାମୁଡ଼ାରେ ବାଳକ ମୃତ

ଛେଣ୍ଡିପଦା,୧୨।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡାରେ ଗୁରୁବାର ଜଣେ ୮ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ମୃତକ କିଶୋରନଗର ବ୍ଲକ ମକାମୁଣ୍ଡା ଗ୍ରାମର ସିପୁନ ପ୍ରଧାନ ବୋଲି ଜଣାପଡିଛି। ସିପୁନ ମାମୁ ଘର ଛେଣ୍ଡିପଦା ଥାନା କିସିଣ୍ଡାରେ ରହି ପାଠ ପଢୁଥିଲେ। ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ଚିତି ସାପ କାମୁଡି ଦେଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରେ ଡାକ୍ତର ସିପୁନଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ହାତୀ ଉଜାଡିଲେ ଧାନ ଫସଲ

ମାଧପୁର/ବଇଣ୍ଡା, ୧୨।୯(ଡି.ଏନ.ଏ.)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମୁଛପୁର ଗ୍ରାମରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ବିଲରେ ପଶି ଚାଷୀମାନଙ୍କ ଧାନ ଫସଲ ଉଜାଡି ଦେଇଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି। ଗ୍ରାମର ସନ୍ତୋଷ କର୍ଣ୍ଣ, ହୃଦାନନ୍ଦ କର୍ଣ୍ଣ, ରଞ୍ଜନ କର୍ଣ୍ଣ, ଶ୍ରୀପତି କର୍ଣ୍ଣ ପ୍ରମୁଖଙ୍କ ଚାଷ ଜମିରେ ହାତୀ ଦଳି ଚକଟି ଫସଲ ନଷ୍ଟ କରିଥିବା ସେମାନେ ପ୍ରକାଶ କରିଛନ୍ତି। କିଛି ଦିନ ହେଲା ଏହି ଅଞ୍ଚଳରେ ହାତୀ ଉତ୍ପାତ ବଢିବାରେ ଲାଗିଛି। ସନ୍ଧ୍ୟା ହେବାକ୍ଷଣି ଲୋକେ ଘରୁ ବାହାରିବା ପାଇଁ ଲୋକେ ଭୟ କରୁଛନ୍ତି। ଏ ସମ୍ପର୍କରେ ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ କହିଛନ୍ତି, ହାତୀ ଉପଦ୍ରବ ବାବଦରେ ଖବର ଅଛି। ଏହି ଅଞ୍ଚଳରେ ଏକ ମାଖନା ହାତୀ ଆଗରୁ ଥିଲା। ଏବେ ରେଢ଼ାଖୋଲ ଅଞ୍ଚଳରୁ ଏକ ଦନ୍ତା ହାତୀ ଆସି ତା ସହ ମିଶିଥିବାରୁ ଏପରି ସ୍ଥିତି ଉପୁଜିଛି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ବନ୍ଦୋବସ୍ତ କରାଯାଉଛି ବୋଲି ସେ କହିଛନ୍ତି। ସେହିପରି କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ମଧପୁର, କଣ୍ଟେଇକୁଳିଆ, ଅଁଳାବେରେଣୀ, ନାଗାଝରଣ ଆଦି ଗ୍ରାମଗୁଡିକରେ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ଗ୍ରାମାଭିମୁଖୀ ହୋଇ ବ୍ୟାପକ ପନିପରିବା ଚାଷ ସହ କଦଳୀ, ଆମ୍ବଗଛ ଭାଙ୍ଗି ନଷ୍ଟ କରୁଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି।

# ଟାଏକୋଣ୍ଡୋରେ ଅନୁଗୋଳକୁ ୫ ପଦକ



ପଦକ ବିଜେତାଙ୍କୁ ଏସ୍‌ପି ଶୁଭେଚ୍ଛା ଜଣାଉଛନ୍ତି।

ଅନୁଗୋଳ ଅଫିସ, ୧୨।୯

ଗତ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୩୪ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଯାଜପୁର ଜିଲା କଳ୍ପତରୁ ଦାସ ଇନ୍‌ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲାରୁ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଜିଲାକୁ ୫ଟି ପଦକ ମିଳିଛି। ଏ ନେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ ଓ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଦକ ବିଜୟୀ ହୋଇଥିବା କ୍ରୀଡ଼ାବିତମାନେ ହେଲେ ରୋଟାରି ପବ୍ଲିକ ସ୍କୁଲର ଆରାଧ୍ୟା ମହନ୍ତ, ଉକ୍ତ ସ୍କୁଲର ଅର୍ଚ୍ଚିତା ମହାପାତ୍ର ଓ ସୌମିତ୍ର ଦାସ, ଯୁପି ଜିନ୍ଦଲ ସ୍କୁଲର ଗୌତମ କୁମାର, ବରିଷ୍ଠ ବିଭାଗର କୁନ୍ଦନ କୁମାର। ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ନୀଳମଣି ରାଉତ, ଉପସଭାପତି ପର୍ଶୁରାମ ଦାସ, ସମ୍ପାଦକ ଦୁଶ୍ୟନ୍ତ କୁମାର ନାଥ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ଏଥିପାଇଁ ଧନ୍ୟବାଦ ଦେଇଛନ୍ତି।

■କୁଷ୍ଠ ରୋଗ ନିର୍ଣ୍ଣୟ ପାଇଁ ଜିଲାସ୍ତରୀୟ ବୈଠକ

# ସଚେତନତା ଉପରେ ଗୁରୁତ୍ୱାରୋପ

ଅନୁଗୋଳ ଅଫିସ, ୧୨।୯



ଅନୁଗୋଳ ଜିଲାରେ କୁଷ୍ଠରୋଗ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରି ଏକ କୁଷ୍ଠ ମୁକ୍ତ ସମାଜ ଗଠନ ଉପରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ଏହି ବୈଠକରେ ଯୋଗ ଦେଇଥିଲେ। ଜିଲାରେ କୁଷ୍ଠ ରୋଗ ଚିହ୍ନଟ କରି ଏହାର ନିରାକରଣ ନିମନ୍ତେ ବିଭିନ୍ନ ବିଭାଗ ଆନ୍ତରିକତାର ସହିତ ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ଯେଉଁ ଅଞ୍ଚଳରେ ଅଧିକ ସଂଖ୍ୟାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଦେଇଛି ସେଠାରେ ଅଧିକ ଜନସଚେତନତା ସୃଷ୍ଟି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

କୁଷ୍ଠ ରୋଗରୁ ଆରୋଗ୍ୟ ବ୍ୟକ୍ତିଙ୍କୁ ରୋଲ ମଡେଲ ଭବେ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି କୁଷ୍ଠ ରୋଗ ନିରାକରଣ କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୁରସ୍କୃତ କରାଯିବ। ଜିଲାର ୮ଟି ବ୍ଲକରେ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଶାମ୍ବରଥ ସମସ୍ତ ଗ୍ରାମ ପରିକ୍ରମା କରିବା ସହ ମୋବାଇଲ ସ୍ୱାସ୍ଥ୍ୟ ଦଳ ନିୟମିତ ବିଭିନ୍ନ ବିଦ୍ୟାଳୟ ଓ ଛାତ୍ରାବାସରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ସହ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସମାଜ କଲ୍ୟାଣ ବିଭାଗ ମିଶି ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଉପରେ ଜିଲା ପରିଷଦ ସଭାପତି ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ର ମହାନ୍ତି ରୋଗର ଲକ୍ଷଣ ଓ ନିରାକରଣ ପାଇଁ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ବିଶ୍ୱବିହାରୀ ମହାନ୍ତି ରୋଗର ଲକ୍ଷଣ, ପୃଷ୍ଠଭୂମୀ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗତବର୍ଷ ଜିଲାରେ ୪୭୮ ନୂତନ କେସ ନିର୍ଣ୍ଣୟ ହୋଇ ଗ୍ରେଡ-୨ରେ ୧୭ଟି କେସ୍‌କୁ ଚିକିତ୍ସା କରାଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ସର୍ବାଧିକ ୧୦୨ ଓ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ୯୦ଟି କେଶ୍ ନିର୍ଣ୍ଣୟ ହୋଇଛି। ଚଳିତ ମାସ ୧୦ରୁ ୨୩ ଓ ଫେବୃୟାରୀ ମାସରେ ରୋଗ ନିର୍ଣ୍ଣୟ ସହ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ଏହି ବୈଠକରେ କୁଷ୍ଠ ପରାମର୍ଶଦାତା ଡା. ନିରୋଜ କୁମାର ଶତପଥୀ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାକେଶ କୁମାର କୁଣ୍ଡୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ଓ ଡିପିଏମ୍‌ଏନଏଚ୍‌ଏମ୍ ବିଶ୍ୱ ରଞ୍ଜନ ରଥଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ ୨୨ ଠିକା କର୍ମଚାରୀ

**ଅନୁଗୋଳ ଅଫିସ, ୧୨।୯:** ଚୁକ୍ତି ନବୀକରଣ ହୋଇପାରି ନ ଥିବାରୁ ଗତ ୧ ତାରିଖଠାରୁ ଅଫିସ ଆସିପାରୁ ନ ଥିବା ଅନୁଗୋଳ ପୌରପାଳିକାର ୨୨ ଠିକା କର୍ମଚାରୀ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅଗଷ୍ଟ ୩୧ ତାରିଖରେ ଚୁକ୍ତି ଅବଧି ଶେଷ ହୋଇଯାଇଥିବା ବେଳେ ତତ୍କାଳୀନ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ତାହାକୁ ନବୀକରଣ କିମ୍ବା ନୂଆ ଟେଣ୍ଡର କରି ନ ଥିଲେ। ଫଳରେ ୧୧ ଦିନ ହେବ ସମ୍ପୃକ୍ତ ଠିକା କର୍ମଚାରୀ ପୌର କାର୍ଯ୍ୟାଳୟକୁ ଆସୁ ନ ଥିଲେ। ଜିଲା ପ୍ରଶାସନ ଚୁକ୍ତି ନବୀକରଣ କରିବା ପରେ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ପୁରୁଣା ମାମଲାରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୧୨।୯:** ଅନୁଗୋଳ ଥାନା ଆମ୍ବପାଳ ଅଞ୍ଚଳର ବିପିନ ନାଏକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବିପିନ ୨୦୧୭ରେ ଛେଣ୍ଡିପଦା ଅଞ୍ଚଳରେ ଜଣେ ନାବାଳିକାକୁ ବଳାତ୍କାର କରିଥିଲେ। ଥାନାରେ ଅଭିଯୋଗ ପରେ ବିପିନ ଫେରାର ହୋଇଯାଇଥିଲେ। ଦୀର୍ଘ ଦିନ ହେବ ବିପିନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଗୁରୁବାର ତାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

### ମେଗା ସିଲ୍କପାର୍କର ଶୁଭ ଉଦ୍‌ଘାଟନ

କେନ୍ଦୁଝର, ୧୨।୯( ସ୍ୱ.ପ୍ର.)
କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡାଠାରେ ଗୁରୁବାର ଏକ ମେଗା ସିଲ୍କପାର୍କର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବୈଷୟିକ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ଓ ଜିଲାପାଳ ଆଶିଷ ଠାକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ । ଭଗାମୁଣ୍ଡା ଟସର ସୋସାଇଟିର ଭଲ କାମ ପାଇଁ ରାଜ୍ୟ ଜାତୀୟ ସ୍ତରରେ ମଧ ପୁରସ୍କାର ଲାଭ କରିଛି। ଏହି ଅଞ୍ଚଳର ଆଦିବାସୀ ଲୋକମାନେ ଟସର ଚାଷ କରି ବେଶ୍ ଦୁଇପଇସା ରୋଜଗାରକ୍ଷମ ହେବା ସହ ଅଞ୍ଚଳର ବହୁ ମହିଳାମାନେ ଆତ୍ମନିଯୁକ୍ତି ପାଇଛନ୍ତି । ଏହା ଦ୍ୱାରା ଟସର ଓ ସିଲ୍କ ଶାଢ଼ି ବୁଣାକାରମାନଙ୍କୁ ଅଧିକ ପ୍ରୋତ୍ସାହନ ମିଳିବା ସହ ସେମାନେ କିପରି ଅଧିକ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଡିଏମ୍‌ଏଫ ଓ ରାଜ୍ୟ ସରକାରଙ୍କ ଅନୁଦାନରେ ବନୀକରଣ କାର୍ଯ୍ୟ ଚାଲିଥିବା ବେଳେ ଏହା ଦ୍ୱାରା କିପରି ଉତ୍ପାଦନ ଓ ସେମାନଙ୍କ ଆର୍ଥିକ ବିକାଶ ହୋଇପାରିବ ସେ ନେଇ ପ୍ରୟାସ କରାଯାଉଥିବା ଜିଲାପାଳ କହିଛନ୍ତି।

■କାର୍ଯ୍ୟାଳୟରେ କାମ କରୁନି ଇଣ୍ଟରନେଟ୍

# ୧୫ ମଧ୍ୟରେ କେମିତି ସରିବ ଡିଜିଟାଲ ବ୍ୟବସ୍ଥା

**ଅନୁଗୋଳ ଅଫିସ, ୧୨।୯**

■ବର୍ଷ ଆରମ୍ଭରୁ ସରକାର ଦେଲେଣି ନିର୍ଦ୍ଦେଶ
■ଚଳିତ ମାସରେ ଆରମ୍ଭ ହେଲା କାର୍ଯ୍ୟ
■ପୌରାଞ୍ଚଳରେ ସରିଲାଣି ୯୦ ପ୍ରତିଶତ

ହିତାଧିକାରୀଙ୍କ ଭତ୍ତା କାର୍ଡ ସହ ଆଧାର କାର୍ଡ ସଂଲଗ୍ନ କରାଯିବ। ଗତ ଫେବୃୟାରୀରୁ ରାଜ୍ୟ ସରକାରଙ୍କ ନିକଟରୁ ଏ ନେଇ ନିର୍ଦ୍ଦେଶ ଆସିଥିଲା। ହେଲେ ଅଗଷ୍ଟ ଶେଷ ଆଡ଼କୁ ରିମାଇଣ୍ଡର ଆସିବା ପରେ ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗତ ୫ ତାରିଖରେ ପ୍ରତି ଉପଖଣ୍ଡ ଉପଜିଲାପାଳଙ୍କୁ ଚିଠି (ନଂ. ୯୩୪) କରାଯାଇ ଆସନ୍ତା ୧୫ ତାରିଖ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଅଧିକାଂଶ ସମୟ ଇଣ୍ଟରନେଟ କାର୍ଯ୍ୟ କରୁ ନ ଥିବାରୁ ଏହି ସମୟ ମଧ୍ୟରେ କିପରି କାର୍ଯ୍ୟ ଶେଷ କରାଯିବ ତାହାକୁ ନେଇ ଏବେ ହରଡ଼ଘଣାରେ ପଡ଼ିଛି ପ୍ରଶାସନ।

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଫେବୃୟାରୀ ୧୧ରେ ଚିଠି ନଂ ୧୩୧୭ରେ ଅନୁଗୋଳ ଜିଲା ପ୍ରଶାସନ ନିକଟକୁ ଏହି ନିର୍ଦ୍ଦେଶ ଆସିଥିଲା। ଏହାପରେ ଚିଠି ନଂ ୭୩୬୭/୩୦।୮।୨୦୧୯ ଓ ୭୪୦୯/୩୧।୮।୨୦୧୯ରେ ବିଭାଗୀୟ ନିର୍ଦ୍ଦେଶକ ପୁନର୍ବାର ଜିଲା ପ୍ରଶାସନ ନିକଟକୁ ଚିଠି ଲେଖିଥିଲେ। ଉକ୍ତ ଚିଠି ପାଇବା ପରେ ଅନୁଗୋଳ ଜିଲା ପ୍ରଶାସନ ଗତ ୫ ତାରିଖରେ ଉପଖଣ୍ଡ ଉପଜିଲାପାଳମାନଙ୍କୁ ଚିଠି କରି ଏହାର ଶତପ୍ରତିଶତ ରୂପାୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ପ୍ରତି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଠିକା କର୍ମଚାରୀ (ପ୍ରୋଗ୍ରାମ ଆସିଷ୍ଟାଣ୍ଟ) ମାନଙ୍କୁ ଭିନ୍ନ ଭିନ୍ନ ବ୍ଲକରେ କାର୍ଯ୍ୟ କରିବା ପାଇଁ ଡେପୁଟେଶନରେ ପଠାଯିବା ସହ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ ରହିବାକୁ କୁହାଯାଇଛି। ତଦନୁଯାୟୀ ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ସାହୁଙ୍କୁ ପାଲଲହଡ଼ା ବ୍ଲକକୁ ବଦଳି କରାଯାଇଛି। ସେହିପରି ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସୁଧାଂଶୁ ଶେଖର ପାତ୍ରଙ୍କୁ ଆଠମଲ୍ଲିକ ବ୍ଲକ, ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିବେଦିତା ପଟ୍ଟନାୟକଙ୍କୁ ଅନୁଗୋଳ ବ୍ଲକ ଓ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଜିତେନ୍ଦ୍ର କୁମାର ପ୍ରଧାନଙ୍କୁ ବଣ୍ଠରପାଳ ବ୍ଲକକୁ ଡେପୁଟେଶନରେ ପଠାଯାଇଛି। ଏଥିସହ ଅନୁଗୋଳ ଜିଲାରେ ଥିବା ଦୁଇଟି ପୌରପାଳିକା ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମଧ୍ୟ ଜଣେ ଲେଖାଏ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ହେଲେ ସମସ୍ୟା ହେଉଛି, ନିୟୋଜିତ ଏହି କର୍ମଚାରୀମାନଙ୍କୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲେ ହେଁ ଅଧିକାଂଶ ସ୍ଥାନରେ ଇଣ୍ଟରନେଟ ସୁବିଧା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହୋଇପାରୁ ନାହିଁ। ଏପରି କି ବ୍ଲକ କାର୍ଯ୍ୟାଳୟର ଅଧିକାରୀମାନେ ସେମାନଙ୍କୁ ମୋବାଇଲ ଡାଟା କେବୁଲ ଲଗାଇ କାର୍ଯ୍ୟ କରିବାକୁ ବାଧ୍ୟ କରୁଛନ୍ତି ବୋଲି ବିଭିନ୍ନ ସ୍ଥାନରୁ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ସରକାର ଧାର୍ଯ୍ୟ କରିଥିବା ସମୟସୀମା ମଧ୍ୟରେ କିପରି କାର୍ଯ୍ୟ ଶେଷ କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବ୍ଲକ ଅଞ୍ଚଳରେ ଏଭଳି ସମସ୍ୟା ଥିବା ବେଳେ ପୌରାଞ୍ଚଳ ଓ ଏନଏସିରେ ୯୦ ପ୍ରତିଶତରୁ ଅଧିକ କାର୍ଯ୍ୟ ସରିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ବର୍ଷ ଆରମ୍ଭରୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଥିବାବେଳେ କାହିଁକି ଏତେ ବିଳମ୍ବରେ ଓ ଅବ୍ୟବସ୍ଥିତ ଢଙ୍ଗରେ ଡିଜିଟାଲ ବ୍ୟବସ୍ଥା ଗ୍ରହଣ କରାଯାଉଛି ତାହାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଜିଲାରେ ଭତ୍ତା ପାଉଥିବା ଲୋକଙ୍କୁ ଡିଜିଟାଲ ସଂଲଗ୍ନ କରାଯିବା ପାଇଁ ୪ଟି ଉପଖଣ୍ଡର ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନଙ୍କୁ ନିୟୋଜିତ କରାଯାଇଛି। ୧୫ ତାରିଖ ମଧ୍ୟରେ କାର୍ଯ୍ୟ ସରିବାର ସମୟସୀମା ରହିଛି। ଅଧିକ ୨/୩ ଦିନ ପର୍ଯ୍ୟନ୍ତ ଏହାକୁ ବଢ଼ାଯାଇପାରେ। କାର୍ଯ୍ୟ ସରିବା ପରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ପୁଣି ନିଜ କାର୍ଯ୍ୟାଳୟକୁ ପଠାଇ ଦିଆଯିବ। ବିଭିନ୍ନ ସ୍ଥାନରେ ଇଣ୍ଟରନେଟ ନ ଥିବା ଅଭିଯୋଗ ଆସୁଛି। ସେହିସବୁ ସ୍ଥାନରେ କିପରି ସେବା ତ୍ୱରାନ୍ୱିତ କରାଯିବ ସେ ନେଇ ଜିଲା ପ୍ରଶାସନ ନଜର ରଖିଥିବା ଉପଜିଲାପାଳ ପ୍ରକାଶ କରିଛନ୍ତି।

୧୭ରୁ ଆଲୁମିନିୟମ ନଗରୀରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

# ୭ ଦିନ ଧରି ଚାଲିବ, ପଡ଼ିବ ୨୪୦ ଷ୍ଟଲ




**ଅନୁଗୋଳ ଅଫିସ, ୧୨।୯**

ଆସନ୍ତା ୧୭ ତାରିଖ ବିଶ୍ୱକର୍ମା ପୂଜା ଅବସରରେ ଅନୁଗୋଳ ଜିଲାର ଆଲୁମିନିୟମ ନଗରୀରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯିବ। ୨୩ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳାରେ ମୋଟ ୨୪୦ଟି ଷ୍ଟଲ ପଡ଼ିବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ଓରମାସ୍‌ର ମିଳିତ ସହଯୋଗରେ ଏହି ମେଳାର ବ୍ୟବସ୍ଥା ହୋଇଛି ବୋଲି ଜିଲା କୋର୍ଟ ରୁମ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି ଯେ, ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଗୁଜରାଟ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ହରିୟାଣା, ତେଲେଙ୍ଗାନା ଆଦି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହି ମେଳାରେ ଭାଗ ନେବେ। ଏଥିସହିତ ୧୦ଟି ଖାଦ୍ୟ ଷ୍ଟଲ୍ ବ୍ୟବସ୍ଥା ହୋଇଛି। ସରକାରଙ୍କ ବିଭିନ୍ନ ବିଭାଗ ଯଥା କୃଷି, ହସ୍ତ ଓ କୁଟୀର ଶିଳ୍ପ, ଖଦି ଓ ଗ୍ରାମୋଦ୍ୟୋଗ, ନାବାର୍ଡ, ମତ୍ସ୍ୟ, ଉଦ୍ୟାନ, ହସ୍ତତନ୍ତ ଆଦି ବିଭାଗ ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅନୁଗୋଳ ଜିଲାରେ ଉତ୍ପାଦନ ହେଉଥିବା ସାମଗ୍ରୀ ଉପରେ ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ଏହି ମେଳାରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଆଇନ ଶୃଙ୍ଖଳା ଆଦି ପାଇଁ ଯଥାକ୍ରମେ ଜିଲା ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ, ନାଲକୋ, ଅନୁଗୋଳ ପୌରପାଳିକା, ଜିଲା ପୋଲିସ ଓ ଅଗ୍ନିଶମ ବିଭାଗ ସହଯୋଗ ଜିଲା ପ୍ରଶାସନ ଲୋଡ଼ିଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଓରମାସର ନିରୋଦ ଜେନା, ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪୩ ହଜାରରେ ଆଜ୍ଞାମାଳ, ଲଡୁ ନିଲାମ



ଆଜ୍ଞାମାଳ ଓ ଲଡୁ ନିଲାମଧାରୀଙ୍କୁ ପ୍ରଦାନ କରାଯାଉଛି।

**ତାଳଚେର, ୧୨।୯(ନି.ପ୍ର.)**

ତାଳଚେର ପୌରାଞ୍ଚଳ ସିଂହସାହି ତ୍ରିନାଥ ଗଣେଶ ପୂଜା କମିଟି ପକ୍ଷରୁ ଆଜ୍ଞାମାଳ ଓ ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତୁଷାର କାନ୍ତ ଦାସ, ସମ୍ମାନିତ ଅତିଥିଭାବେ ସୁରେଶଚନ୍ଦ୍ର ମାଝି, ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ସିଂହ ୪୩ ହଜାର ଟଙ୍କାରେ ଗଜାନନଙ୍କ ଆଜ୍ଞାମାଳ ଓ ଲଡୁ ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। କ୍ଲବର ଜଗନ୍ନାଥ ଗଡନାୟକ, ସୁଶାନ୍ତ କୁମାର ବେହେରା, ବାବୁଲା ସିଂହ, କାବୁଲି ଦାସ, ଲିପୁ ଦାସ, ଅନ୍ତର୍ଯ୍ୟାମୀ ରଥ, ପ୍ରଭାସ ସିଂହ, ଋଷିକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ୩ୟବର୍ଷ ପାଇଁ ସିଂହସାହି ତ୍ରିନାଥ ଗଣେଶ ପୂଜା କମିଟି ପକ୍ଷରୁ ଆଜ୍ଞାମାଳ ଓ ଲଡୁନିଲାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଭସାଣି, ଆଜ୍ଞାଲଡୁ ନିଲାମ

**ଛେଣ୍ଡିପଦା,୧୨।୯(ଡି.ଏନ.ଏ.)**

ଜରପଡା ଥାନା ବିମଳବେଡା ଗ୍ରାମରେ ଗଣେଶ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗଜାନନଙ୍କ ଆଜ୍ଞାଲଡୁ ନିଲାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମପି ନୀତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ହୃଷୀକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଦୀପ କୁମାର ସାହୁ ୧୫ ହଜାର ୫ଶହ ଟଙ୍କା ଦେଇ ଲଡୁ ନିଲାମ ନେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂଜା କମିଟି ସଭାପତି ଭୀଷ୍ମ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ପ୍ରଧାନ, ସଭ୍ୟ ପପୁ ପ୍ରଧାନ, ବବୁଲ ପ୍ରଧାନ, ଲିପୁ ସାହୁ, ବୁବୁନ ସାହୁ, ଟୁକୁ ସାହୁ, ପ୍ରଭାତ ସାହୁ, ଦୁଷ୍ମନ୍ତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

■ଅନୁଗୋଳ କେନ୍ଦ୍ରୀୟ ପୂଜା ସମିତି ବୈଠକ

# ୧୨ ମଣ୍ଡପରେ ଦୁର୍ଗା, ୨୯ ମଣ୍ଡପରେ ଲକ୍ଷ୍ମୀ ପୂଜା



ବୈଠକରେ କେନ୍ଦ୍ରୀୟ ପୂଜା ସମିତିର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୧୨।୯**

ଅନୁଗୋଳ କେନ୍ଦ୍ରୀୟ ପୂଜା ସମିତିର ଏକ ବୈଠକ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଦୁର୍ଗାପୂଜା ଓ ମା' ଲକ୍ଷ୍ମୀଙ୍କ ପୂଜା ଆୟୋଜନ ଉପରେ ଆଲୋଚନା ହୋଇଥିଲା। ଅକ୍ଟୋବର ୪ରେ ସହରର ୧୨ଟି ମଣ୍ଡପରେ ଦୁର୍ଗା ପୂଜା ଅନୁଷ୍ଠିତ ହେବ। ସେହିପରି ୧୩ ତାରିଖରେ ୨୯ଟି ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଇବେ। ଏହି ଅବସରରେ କର୍ମକର୍ତ୍ତା ମଧ୍ୟ ଚୟନ କରାଯିବା ସହ ପୂର୍ବ ବର୍ଷର ଆୟବ୍ୟୟ ହିସାବ କରାଯାଇଥିଲା।

କେନ୍ଦ୍ରୀୟ ପୂଜା ସମିତି ସଭାପତି ଅକ୍ଷୟ କୁମାର ସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ପୂର୍ବ ପଦବୀରେ କର୍ମକର୍ତ୍ତାମାନେ ରହି କାର୍ଯ୍ୟ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କିଛି ସଦସ୍ୟ ସମିତିର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସମିତି ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ ସହ ସହରର ସମସ୍ୟା ନେଇ ସକ୍ରିୟ ହେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗତବର୍ଷ ପୂଜାରେ ୭୦ ହଜାର ଟଙ୍କା ଆଦାୟ ହୋଇଥିବାବେଳେ ୭୦ ହଜାର ୫୪୦ ଟଙ୍କା ଖର୍ଚ୍ଚ ହୋଇଥିଲା। ତେଣୁ ଚଳିତବର୍ଷ ସବୁ ପୂଜା କମିଟି ସମୟ ସୀମା ମଧ୍ୟରେ କେନ୍ଦ୍ରୀୟ ପୂଜା ସମିତି ନିକଟରେ ଅର୍ଥ ଦାଖଲ କରିବାକୁ କୁହାଯାଇଥିଲା। ଅକ୍ଟୋବର ୪ ତାରିଖରେ ଦୁର୍ଗାପୂଜା ଆରମ୍ଭ ହେଉଥିବାବେଳେ ୯ ତାରିଖରେ ଭସାଣି କରାଯିବ। ୧୩ ତାରିଖରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ୨୩ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଭାପତିଙ୍କ ସହ ସାଧାରଣ ସମ୍ପାଦକ ଦିଲୀପ କୁମାର ପ୍ରଧାନ, ଉପସଭାପତି କିଶୋର କୁମାର କର, ପଦ୍ମଲୋଚନ ସାହୁ, ସତ୍ୟାନନ୍ଦ ଦଳବେହେରା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସମ୍ପାଦକ ରତିକାନ୍ତ ଦାସ, ଅଶୋକ ଅଗ୍ରୱାଲ, ଲକ୍ଷ୍ମୀ ପ୍ରମୁଖଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୁନେଇ ଓ କାଳ ବନ୍ଧରୁ ବନ୍ୟା ଜଳ ନିଷ୍କାସନ

**କପ୍ତିପଦା,୧୨।୯(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଥିବା ସୁନେଇ ଓ କାଳ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଛି। ସୁନେଇ ଡ୍ୟାମ୍‌ର ଗୋଟିଏ ଗେଟ୍‌ରୁ ଗୁରୁବାର ୨ ମିଟର ଜଳ ନିଷ୍କାସନ କରାଯାଇଛି। ପ୍ରତି ସେକେଣ୍ଡ୍‌ରେ ୯୦କ୍ୟୁମାକ୍ସ ଜଳ ନିଷ୍କାସନ ହେଉଥିବାର ବନ୍ଧ ଦାୟିତ୍ୱରେ ଥିବା ଏସ୍‌ଡ଼ିଓ ମଦନମୋହନ ବେହେରା ପ୍ରକାଶ କରିଛନ୍ତି। ବନ୍ଧର ବିପଦ ସଂକେତ ୮୫ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୮୪.୪ ମିଟର ଥିବା ଜଣାପଡିଛି। ସେହିପରି କାଳ ବନ୍ଧରୁ ଗୋଟିଏ ଗେଟ୍‌ରେ ୨ମିଟର ଜଳ ଛଡ଼ାଯାଇଛି। ପ୍ରତି ସେକେଣ୍ଡ୍‌ରେ ୧୪୦ କ୍ୟୁମାକ୍ସ ଜଳ ନିଷ୍କାସନ ହେଉଥିବା ବେଳେ ୫୪.୩୭ କ୍ୟୁମାକ୍ସ ଜଳ ଡ୍ୟାମକୁ ପ୍ରବେଶ କରୁଥିବା ଜାଣିବାକୁ ମିଳିଛି।

# ହୋ ହଲ୍ଲାରେ ସରିଲା ପଞ୍ଚାୟତ ସମିତି ବୈଠକ



**କଣିହାଁ, ୧୨।୯(ଡି.ଏନ.ଏ.)**

କଣିହାଁ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ବୁଧବାର ପବିତ୍ରମୋହନ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ନମିତା ସାହୁଙ୍କ ସଭାପତିତ୍ୱରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ବିଡିଓ ରମେଶ କୁମାର ଜେନା, ଏବିଡିଓ ବିଜୟ କୁମାର ବେହେରା, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ଦାସ ଆଲୋଚନା ପାଇଁ ବିଡିଓଙ୍କୁ ଦାୟିତ୍ୱ ଦେଇଥିଲେ। ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସହ ଏଥିରୁ କିପରି ହିତାଧିକାରୀମାନେ ଉପକୃତ ହେବେ ସେ ନେଇ କାର୍ଯ୍ୟ କରିବାକୁ ବିଡିଓ ଉପସ୍ଥିତ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। ସେହି ସମୟରେ ସମିତିର ଅନ୍ୟ ସଦସ୍ୟମାନେ ପୂର୍ବ ବୈଠକର ଆଲୋଚନା ଲିପିବଦ୍ଧ ଭାବେ ପାଇ ନ ଥିବା ପ୍ରକାଶ କରିବା ସହ କାର୍ଯ୍ୟରେ କ'ଣ ଅଗ୍ରଗତି ହୋଇଛି ବୋଲି ପ୍ରଶ୍ନ କରିଥିଲେ। ବିବରଣୀ ସମିତି ସଦସ୍ୟଙ୍କୁ ପଠାଯାଇଥିବା ଏବଂ ପଞ୍ଚାୟତ ଅଧିକାରୀଙ୍କ ଏଥିରେ ସ୍ୱୀକୃତି ଥିବାନେଇ ବିଡିଓ କହିବା ପରେ ହୋହଲ୍ଲା ବଢିଥିଲା। ପରେ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ରଖୁଥିବା ବ୍ଲକ ସହାୟକ ଯନ୍ତ୍ରୀଙ୍କୁ ସମିତି ସଦସ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ବ୍ଲକ ପ୍ରତିନିଧିଙ୍କ ପାଇଁ ଏକ ଗୃହ ନିର୍ମାଣ ସତ୍ତ୍ୱେ କାହିଁକି ଉଦ୍‌ଘାଟନ କରାଯାଉ ନାହିଁ, ପଞ୍ଚାୟତ ସମିତିର ଅନେକ କାର୍ଯ୍ୟ କାହିଁକି ଅଧପନ୍ତରିଆ ହୋଇ ପଡିରହିଛି ସେ ନେଇ ସରପଞ୍ଚ ଦୁଃଖବନ୍ଧୁ ଭୁତିଆ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବୈଠକ ଚାଲିଥିବାବେଳେ ତାଳଚେର ବିଧାୟକ ଅନ୍ୟଠାରେ କାମ ଅଛି ବୋଲି କହି ଉଠି ଚାଲି ଯାଇଥିଲେ। କୁଲୁମା ସରପଞ୍ଚ ନିଶାକର ବିଶ୍ୱାଳ ମଧ୍ୟ ସଭାରେ ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ବନ୍ଦ ନ ହେବାରୁ ବୈଠକ ଅଧାରୁ ଶେଷ ହୋଇଥିଲା।

■୧୪ରେ ଭସାଣି, ଶୋଭାଯାତ୍ରାରେ ଯିବେ ୩୧ ମେଢ଼

# ଆଗରେ ସିଦ୍ଧି ବିନାୟକ, ଶେଷରେ ଜୟ ମା' ହିଙ୍ଗୁଳା

**ତାଳଚେର, ୧୨।୯(ନି.ପ୍ର.)**

ଆସନ୍ତା ୧୪ ତାରିଖରେ ତାଳଚେରର ଗଣପର୍ବ ଗଣେଶ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ଭସାଣିରେ ୩୧ଟି ମେଢ଼ ସାମିଲ ହେବେ ବୋଲି ଜଣାପଡିଛି। ଏହି ଭସାଣି ଶୋଭାଯାତ୍ରାକୁ କିପରି ଅଧିକ ଆକର୍ଷଣୀୟ କରାଯାଇ ପୁରସ୍କାର ହାତେଇ ହେବ ସେଥିପାଇଁ ପୂଜା କମିଟି ଗୁଡିକ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି।

ଭସାଣି ଶୋଭାଯାତ୍ରା ନିମନ୍ତେ ଗୁରୁବାର ଲଟେରି ଉଠାଣ ହୋଇଥିଲା। ପ୍ରଥମରେ ସିଦ୍ଧି ବିନାୟକ ଗଣେଶ ପୂଜା କମିଟି ନାଁ ଉଠିଥିବା ବେଳେ ଏହା ପଛକୁ ମାରୱାଡିପଟି (ବିଭାଗ-ଖ), ପରେ ଆମରି ସଂସ୍ଥା ଗଣେଶ ପୂଜା କମିଟି, ଅରାସାହି(ଖ), ମହାଲକ୍ଷ୍ମୀ ଗଣେଶ ପୂଜା କମିଟି, ବାପୁଜୀନଗର(ଖ), ବଡଦାଣ୍ଡସାହି ଯୁବକ ସଂଘ ଗଣେଶ ପୂଜା କମିଟି, ବଣିଆସାହି (ଖ), ପାଟଣା ସାହି ଗଣେଶ ପୂଜା କମିଟି, ପାଟଣାସାହି(ଖ), ତ୍ରିନାଥ ଗଣେଶ ପୂଜା କମିଟି, ସିଂହସାହି(ଖ), ମହାରଣାସାହି ଗଣେଶ ପୂଜା କମିଟି, ମହାରଣାସାହି(ଖ), ଜଗନ୍ନାଥ ମାର୍କେଟ୍ କମ୍ପ୍ଲେକ୍ସ, ହାଟତୋଟା(ଖ), ଭୈରବୀ ସାହି ଗଣେଶ ପୂଜା କମିଟି, ଭୈରବୀ ସାହି(ଖ), ଜଗନ୍ନାଥ ବଜାର ଗଣେଶ ପୂଜା କମିଟି, ପୁରୁଣା ପୋଷ୍ଟ ଅଫିସ୍ (ଖ), ଜୟହିନ୍ଦ୍ ଗଣେଶ ପୂଜା କମିଟି, କୁମ୍ଭାରସାହି (କ), ବାଇପାସ୍ ବଜାର ଗଣେଶ ପୂଜା କମିଟି(ଖ), ରୁଦ୍ରସେବକ ଗଣେଶ ପୂଜା କମିଟି, ମାଳିସାହି(ଖ), କାରିଗରପଡା ଗଣେଶ ପୂଜା କମିଟି, କାରିଗରପଡା(ଖ), ବାପୁଜୀ ନଗର ଗଣେଶ ପୂଜା କମିଟି, ବାପୁଜୀ ନଗର(ଖ), ନୂଆ ବଜାର ଗଣେଶ ପୂଜା କମିଟି, ନୂଆବଜାର(କ), ମା' ସେବକ ସଂଘ ଗଣେଶ ପୂଜା କମିଟି, ବିରାଦରପଡା(ଖ), ହନୁମାନପଡା ଗଣେଶ ପୂଜା କମିଟି, ହନୁମାନପଡା(କ), ମହାରଣା ସାହି ଯୁବକ ସଂଘ ଗଣେଶ ପୂଜା କମିଟି(ଖ), କାରଗିଲ୍ ଗ୍ରୁପ୍ ଗଣେଶ ପୂଜା କମିଟି, ଅରାସାହି(ଖ), ମ୍ୟୁନିସିପାଲିଟି ବଜାର ଗଣେଶ ପୂଜା କମିଟି, ନୁହୁରାସାହି(ଖ), ଜୟ ମା' ମଙ୍ଗଳା ଗଣେଶ ପୂଜା କମିଟି, ଜାମ୍ବୁବଣିଆସାହି(କ), ମା' କନକଦୁର୍ଗା ଗଣେଶ ପୂଜା କମିଟି, ମୋଚିସାହି(ଖ), ବଉଲଛକ ରାସପାର୍ଟି ଗଣେଶ ପୂଜା କମିଟି, ବଉଲଛକ(କ), ଚିତ୍ରକୂଟ ବଜାର ଗଣେଶ ପୂଜା କମିଟି, ଚିତ୍ରକୁଟ ବଜାର(କ), ଶ୍ରୀ ଗଣେଶ ପୂଜା କମିଟି, ଜେଲ୍ ରୋଡ୍(ଖ), ମହାବଳପଡା ଗଣେଶ ପୂଜା କମିଟି, ବଡଦାଣ୍ଡସାହି(ଖ), ଶ୍ରୀ ବିଘ୍ନ ବିନାୟକ ଗଣେଶ ପୂଜା କମିଟି, ଅରାସାହି(ଖ), ବାଲ୍ ଗଣେଶ ପୂଜା କମିଟି, ଭୈରବୀସାହି(ଖ), କଳିଙ୍ଗ ମାର୍କେଟ୍ ଗଣେଶ ପୂଜା କମିଟି, ହାଟତୋଟା ରୋଡ୍(କ) ଓ ଶେଷରେ ଜୟ ମା' ହିଙ୍ଗୁଳା ଗଣେଶ ପୂଜା କମିଟି, ରାଣୀମନ୍ଦିର ପାଖ(ଖ) ମେଢ଼ ଭସାଣୀ ଶୋଭାଯାତ୍ରାରେ ଯିବେ ବୋଲି ସ୍ଥିର ହୋଇଛି। ତେବେ ଚଳିତବର୍ଷ ଲଗାଣ ବର୍ଷା ପୂଜାକୁ ଫିକା କରିଦେଇଛି। ଫଳରେ ଏତେ ଆୟୋଜନ ସତ୍ତ୍ୱେ ଅଞ୍ଚଳବାସୀ ଓ ବାହାର ଜନସାଧାରଣ ପୂଜାକୁ ପୂର୍ବବର୍ଷ ମାନଙ୍କ ଭଳି ଉପଭୋଗ କରିପାରି ନାହାନ୍ତି। ତେଣୁ ଶେଷ ପର୍ବ ଭସାଣିକୁ ଜାକଜମକରେ କିପରି କରାଯିବ ସେ ନେଇ କମିଟିଗୁଡ଼ିକ ପ୍ରସ୍ତୁତି ଚଳାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ, ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କମିଟି ଠାରୁ ଆରମ୍ଭ କରି ସହରବାସୀ ସମସ୍ତେ ଶୃଙ୍ଖଳା ରକ୍ଷା କରିବାକୁ ପୂଜା କମିଟି ସଭାପତି ତଥା ଉପଜିଲାପାଳ ପରେଶଚନ୍ଦ୍ର ନାୟକ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ନିଖୋଜ ବାବୁଲାଙ୍କୁ ସୋସିଆଲ ମିଡିଆ ଚିହ୍ନଟ କଲା



କେନ୍ଦୁଝର, ୧୨।୯( ସ୍ୱ.ପ୍ର.)-କିଛି ମାସ ତଳେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ସିଲିସୁଆଁ ଗ୍ରାମରୁ ନିଖୋଜ ହୋଇଯାଇଥିବା ବାବୁଲା ମୁଣ୍ଡାଙ୍କୁ ବିଶାଖାପାଟଣାରେ ଠାବ କରାଯାଇଛି। ଏକ ସୋସିଆଲ ମିଡିଆରେ ତାଙ୍କର ଭିଡିଓ ଭାଇରାଲ ହେବା ପରେ ପରିବାର ଲୋକ ଚିହ୍ନିପାରି ଯୋଗାଯୋଗ କରିଥିଲେ। ତାଙ୍କୁ ଖୋଜି ଆଣିବା ପାଇଁ ଗୁରୁବାର ତାଙ୍କ ମାମୁ ଚୈତନ୍ୟ ମୁଣ୍ଡା ଓ ଅନ୍ୟଜଣେ ବନ୍ଧୁ ରମେଶ ମୁଣ୍ଡା ସେଠାକୁ ଯାଇଥିଲେ। ମାନସିକ ଚାପଗ୍ରସ୍ତ ହୋଇ ବାବୁଲା ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ପଳାଇଥିଲେ। ଏଣୁ କିପରି ଗଲେ ଓ କାହିଁକି ଗଲେ ଜଣାପଡୁନାହିଁ। ସେ ବାହା ହୋଇଥିଲେ । ତାଙ୍କ ସ୍ତ୍ରୀ ଓ ସନ୍ତାନଙ୍କ ଦେହାନ୍ତ ପରେ ମାନସିକ ଚାପରେ ରହୁଥିଲେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡିଛି। ପ୍ରାୟ ଏକ ମାସ ତଳେ ବୋଧ ହୁଏ ଟ୍ରେନରେ ବସି କିଛି ଜାଣି ନ ପାରି ବିଶାଖାପାଟଣା ପଳାଇଯାଇ ଥିବା ଅନୁମାନ କରାଯାଉଛି। ସେଠାରେ ତାଙ୍କୁ ଜଣେ ସହୃଦୟ ବ୍ୟକ୍ତି ପାଇ ରଖି ଦେଖାଶୁଣା କରୁଛନ୍ତି। ସେ ତାଙ୍କୁ ପାଇବା ପରେ ସୋସିଆଲ ମିଡିଆରେ ଭିଡିଓ ଶେୟାର କରିବା ପରେ ଚିହ୍ନଟ ହୋଇଥିଲେ। ଉକ୍ତ ବ୍ୟକ୍ତିଙ୍କୁ ପରିବାର ତଥା କେନ୍ଦୁଝର ବାସୀ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି।

### ରକ୍ତଦାନ ଶିବିର

ଚମ୍ପୁଆ,୧୨।୯(ଡି.ଏନ.ଏ.)-ଚମ୍ପୁଆ ବ୍ଲକ ଚିମିଳା ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ପଞ୍ଚାୟତସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବ୍ଲକ ଚେୟାରମ୍ୟାନ ରମଣି ନାଏକ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଲୀଳାବତୀ ଖିଲାର, ଏବିଡିଓ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। କୁଟାରୀପଶି, କୋଦଗାଡିଆ, ସୁନାପଶି ଓ ଜାମୁଦଲକ ପଞ୍ଚାୟତର ରକ୍ତଦାତାମାନେ ରକ୍ତ ଦାନ କରିଥିଲେ। ଚାଷ କାମ ଚାଲିଥିବାରୁ ତଥା ସଚେତନତା ଅଭାବରୁ ରକ୍ତଦାତାଙ୍କ ସଂଖ୍ୟା ଆଶାନୁରୂପକ ହୋଇ ପାରି ନ ଥିଲା। ଦିନକୁ ଦିନ ଚମ୍ପୁଆ ଅଞ୍ଚଳରେ ବଢୁଥିବା ରକ୍ତ ଅଭାବଜନିତ ରୋଗର ସମସ୍ୟା ଦୂରୀକରଣ ପାଇଁ ଚମ୍ପୁଆ ରକ୍ତଭଣ୍ଡାର ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଶିବିରକୁ ଓଡିଶା ରକ୍ତଭଣ୍ଡାରର ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ। ଏଥିରେ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ

କେନ୍ଦୁଝର ୧୨।୯ (ସ୍ୱ.ପ୍ର.)-ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଗୁରୁବାର କେନ୍ଦୁଝର ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରମିକ ଏକ ଶୋଭାଯାତ୍ରାରେ କାଳିପଡିଆରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।
ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ରାଜନୈତିକକରଣ ବନ୍ଦ କରିବା, ଶ୍ରମିକଙ୍କ ନବୀକରଣ ସହାୟତା ରାଶି ଓ ଉପକରଣ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପାତର ଅନ୍ତର ନ କରି ପ୍ରଦାନ କରିବା, ଶ୍ରମ କାର୍ଯ୍ୟାଳୟରେ ପଡିରହିଥିବା ସମସ୍ତ ସହାୟତା ରାଶି ଓ ଆବେଦନ ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ରେକର୍ଡ ରୁମ ଖୋଲାଯାଇ ଶ୍ରମିକଙ୍କ ରେକର୍ଡ ସାଇତି ରଖିବାକୁ ଦାବି କରିଛନ୍ତି।

# ଶାଳପତ୍ର ଚଉଡିରେ ପରଷାହେବ ଟିଫିନ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୨।୯



ପତ୍ର ଚଉଡିରେ ଟିଫିନ୍।

- ଲାଭବାନ ହେବେ ମହିଳା ଗୋଷ୍ଠୀ ଓ ବନବାସୀ
- ପେପର ଠୁଙ୍ଗାକୁ ମଧ ପ୍ରୋତ୍ସାହନ କରିବାକୁ ଦାବି

ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗୁହେବା ପରେ ଜିଲା ପ୍ରଶାସନ ଏଣିକି ସମସ୍ତ ସରକାରୀ ବୈଠକରେ ପ୍ଲାଷ୍ଟିକ, ସିନ୍ଥେଟିକ ବା ଫାଇବର ସାମଗ୍ରୀ ବଦଳରେ ଶାଳପତ୍ରରେ ତିଆରି ପାତ୍ର (ଚଉଡି) ଓ ଅନ୍ୟ ପ୍ରକୃତି ଉପଯୋଗୀ ପାତ୍ର ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାକୁ ଅନେକ ସ୍ୱାଗତ କରୁଛନ୍ତି। ଏହି ସାମଗ୍ରୀ ଆଇଟିଡିଏ ସ୍କିମ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରସ୍ତୁତ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ଏହା ଦ୍ୱାରା ଖଲିପତ୍ର ଚଉଡି ପ୍ରସ୍ତୁତ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବନବାସୀମାନେ ବହୁ ପରିମାଣରେ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଉଛି।

ଗ୍ରାମାଞ୍ଚଳରେ ଏହି ଶାଳପତ୍ରରେ ପ୍ରେସ ଖଲି ଓ ଚଉଡି ପ୍ରସ୍ତୁତ ପାଇଁ ଆଇଟିଡିଏ ପକ୍ଷରୁ ସହାୟତା ଓ ପ୍ରୋତ୍ସାହନ କରିବାକୁ ଦାବି ହେଉଛି। ଏହା ଦ୍ୱାରା ବନବାସୀମାନେ ଉପକୃତ ହୋଇ ପାରିବେ ଏବଂ ଜାଳକାଠ ବିକି ଚଳୁଥିବା ମହିଳାପୁରୁଷମାନେ ଆଉ ଜଙ୍ଗଲ ନ କାଟି ସେହି କାମରେ ଲାଗିପାରିବେ। ଏହା ଦ୍ୱାରା ଜଙ୍ଗଲର ସୁରକ୍ଷା କରିହେବ ବୋଲି କୁହାଯାଉଛି। ଏଭଳି ସମସ୍ତ ସରକାରୀ ଓ ବେସରକାରୀ ସଭାସମିତି ବୈଠକରେ ପ୍ଲାଷ୍ଟିକ ବର୍ଜନ କରି ପିଇବା ପାଇଁ ଶୀଘ୍ର କ୍ଷୟ ହୋଇଯାଉଥିବା ପେପରରେ ନିର୍ମିତ ସାମଗ୍ରୀର ବ୍ୟବହାର ତଥା ପତ୍ରରେ ନିର୍ମିତ ଖଲି, ଚଉଡି ଆଦି ବ୍ୟବହାର କରାଗଲେ ପରିବେଶର ସୁରକ୍ଷା ମଧ୍ୟ ହୋଇପାରିବ। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହିତ କରାଗଲେ କାଗଜରେ ପ୍ରସ୍ତୁତ ଠୁଙ୍ଗା ତଥା ଅନ୍ୟ ସାମଗ୍ରୀ ବୋହିବା ପାଇଁ ବିଭିନ୍ନ ପ୍ରକାରର ପ୍ରକୃତି ଉପଯୋଗୀ ପାତ୍ର, ବ୍ୟାଗ ଆଦି ପ୍ରସ୍ତୁତ ହୋଇପାରିବ। ଏହା ଦ୍ୱାରା ବଜାରରେ ଦେଖାଦେଉଥିବା ଅଭାବ ଦୂର ହେବା ସହ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ଏବଂ ଲୋକମାନେ ମଧ୍ୟ ପ୍ଲାଷ୍ଟିକକୁ ନା କହିପାରିବେ ବୋଲି ମତ ପ୍ରକାଶ ପାଉଛି । ଏଠାରେ ସୂଚନାଯୋଗ୍ୟ ଯେ ବହୁ ଆଗରୁ ଏହି ପତ୍ର ଖଲ,ଚଉଡି, ପେପର ଠୁଙ୍ଗା, କନା, ଝୋଟରେ ପ୍ରସ୍ତୁତ ବ୍ୟାଗ, ଅଖା ଆଦିର ବହୁଳ ବ୍ୟବହାର ଥିଲା । ଏବେ ମଧ୍ୟ ଏସବୁର ବ୍ୟବହାର ରହିଛି। କିନ୍ତୁ ଚାହିଦା ନ ଥିବାରୁ ଏହାକୁ ପ୍ରସ୍ତୁତ କରି ଗୁଜୁରାଣ ମେଣ୍ଟାଉଥିବା ବହୁ ପରିବାର ଅଭାବ ଅନଟନରେ ରହିଆସୁଥିବା ବେଳେ ଏବେ ପୁଣି ସେସବୁର ବ୍ୟବହାର ହେବା ସେମାନଙ୍କ ମଧ୍ୟରେ ଆଶା ଉଜ୍ଜୀବିତ ହେଉଛି। ପ୍ରକାଶ ଯେ ପ୍ଲାଷ୍ଟିକ ଉପରେ ସରକାର କଟକଣା ଲଗାଇଥିଲେ ହେଁ କେନ୍ଦୁଝର ଜିଲାରେ ଚାଲିଛି ଅବାଧ ପ୍ଲାଷ୍ଟିକ ଜରି, ବୋତଲ ଆଦିର ବ୍ୟବହାର। କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି କାରବାର ପଛରେ ଥିବାରୁ ପ୍ରଶାସନ ଧରପଗଡ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପ୍ଲାଷ୍ଟିକର ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅନ୍ୟ ବଡି, ପାମ୍ପଡ, ଖଲିପତ୍ର ପ୍ରସ୍ତୁତ କରିବା ଭଳି ରୋଜଗାରକ୍ଷମ ପାଇଁ ତାଲିମ ଦେବା ନେଇ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

### କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ଯୁବକ ଗିରଫ

ଢେଙ୍କିକୋଟ, ୧୨।୯ (ଡି.ଏନ.ଏ.)

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୦ନଂ. ଚାନ୍ଦପଶି ନିକଟରେ ବୁଧବାର ସନ୍ଧ୍ୟାରେ ପିପିଲିଆ କଲେଜରୁ ଜଣେ ଛାତ୍ରୀ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ବାଇକରେ ଥିବା ଦୁଇଜଣ ଯୁବକ ବିଭିନ୍ନ କମେଣ୍ଟ ମାରିବା ସାଙ୍ଗକୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ନିଛାଟିଆ ରାସ୍ତାରେ ଯୁବକଙ୍କ ଏଭଳି ଆଚରଣ ଦେଖି ଛାତ୍ରୀ ଜଣଙ୍କ ଭୟଭୀତ ହୋଇସାଇକେଲ ଛାଡି ବିଲ ଦେଇ ଦୌଡି ପଳାଇ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କ ସାଇକେଲ ନେଇ ପଳାଇଯାଇଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ଏକ ମାମଲା (ନଂ୧୨୦/୧୯) ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଗୁରୁବାର ଅପରାହ୍ନରେ ଲୁପ୍ତେଶ୍ୱର ମହାନ୍ତ ନାମକ ଜଣେ ଯୁବକଙ୍କୁ ଭୃଙ୍ଗରାଜପୁର ଗ୍ରାମରୁ ଗିରଫ କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଅନ୍ୟ ଜଣଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରହିଛି।

## ରାଜପଥ ପାର୍ଶ୍ୱରୁ ଉଚ୍ଛେଦ ଜାରି

ବଇଣ୍ଡା, ୧୨।୯(ଡି.ଏନ.ଏ.)



କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଦୋକାନ ଓ ବାସଗୃହ ଉଚ୍ଛେଦ ପ୍ରକ୍ରିୟା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ୧୭ ପ୍ରଜାଙ୍କ ମଧ୍ୟରୁ ବୁଧବାର ୭ କ୍ଷତିଗ୍ରସ୍ତଙ୍କ ଦୋକାନ, ଘର ସହ ରାଜସ୍ୱ କାର୍ଯ୍ୟାଳୟ, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ପୂର୍ତ୍ତ ବିଭାଗ ଡାକବଙ୍ଗଳା ଗୃହଗୁଡିକ ଭଙ୍ଗା ଯାଇଥିଲା। ଗୁରୁବାର ୫ କ୍ଷତିଗ୍ରସ୍ତଙ୍କ ଦୋକାନ ଭଙ୍ଗାଯାଇଛି। ଉତ୍ତେଜନା, ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଲଗାଯାଇଥିବା ୧୪୪ ଧାରା ବଳବତ୍ତର ରହିବା ସହ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଉଚ୍ଛେଦ ଯୋଗୁ ୩୫ରୁ ଊର୍ଦ୍ଧ୍ୱ ଦୋକାନୀ ସେମାନଙ୍କ ଜୀବିକା ହରାଇଥିଲେ ମଧ୍ୟ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ଉଚ୍ଛେଦ ବେଳେ ମାଜିଷ୍ଟ୍ରେଟ ଭାବେ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ ଏସ୍‌ଡିପିଓ ଶେଖ ଅବଦୁଲ କରିମ, ହଣ୍ଡପା ଆଇଆଇସି ଲବ ବୋଡାଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅନ୍ୟପକ୍ଷରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ବଇଣ୍ଡା ଛକଠାରେ ଥିବା ରାଧାକୃଷ୍ଣ ଓ ଶିବ ମନ୍ଦିରର ଜାଗାକୁ ଚିହ୍ନଟ କରି ଉକ୍ତ ଦୁଇଟି ମନ୍ଦିରକୁ ଭଙ୍ଗା ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅକ୍ଟୋବର ୩ ତାରିଖ ପରେ ଠାକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପରେ ମନ୍ଦିର ଭଙ୍ଗାଯିବ ବୋଲି ସୂଚନା ଦିଆଯାଇଛି।

### ବାଲ୍ୟବିବାହ ନିଷେଧ କର୍ମଶାଳା

ଝୁମ୍ପୁରା, ୧୨।୯ (ଡି.ଏନ.ଏ.)

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟର ସଭାକକ୍ଷରେ ଗୁରୁବାର ବାଲ୍ୟ ବିବାହ ନିଷେଧ, ଶିଶୁ ସୁରକ୍ଷା ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଆଇଡିଏ ପକ୍ଷରୁ ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ଯୋଗ ଦେଇଥିଲେ। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ, ଆଇଡିଏର ସମ୍ପାଦିକା ସେବତୀ ସିଂ, ଆଇଡିଏ ଅଧିକାରୀ ଚନ୍ଦ୍ରକାନ୍ତ ବରାଳ, ସ୍ୱାତିରେଖା ମହାନ୍ତ, ମିଶନ ଶକ୍ତିର କଲ୍ୟାଣୀ ଶତପଥୀ, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଜିପିଓ ଅକ୍ଷୟ ମହାନ୍ତ, ଝୁମ୍ପୁରା ବ୍ଲକରେ ରହିଥିବା ପଞ୍ଚାୟତ ଗୁଡିକର ସରପଞ୍ଚ, ସ୍ୱାସ୍ଥ୍ୟକର୍ମୀ, ଆଇଡିଏର ସମ୍ପାଦିକା ସେବତୀ ସିଂ ଅତିଥି ପରିଚୟ ପରେ ବାଲ୍ଯ ବିବାହ ଅଧିନିୟମ -୨୦୦୬ ସମ୍ବନ୍ଧରେ ବିସ୍ତୃତ ସୂଚନା ଦେବାସହ ଦଣ୍ଡବିଧି ସମ୍ବନ୍ଧରେ ମଧ୍ୟ କହିଥିଲେ। ଆଇଡିଏ ଅଧିକାରୀ ଚନ୍ଦ୍ରକାନ୍ତ ବରାଳ ବାଲ୍ୟ ବିବାହ ନିଷେଧ, ଶିଶୁସୁରକ୍ଷା ଓ ଅଧିକାର ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହ ପଞ୍ଚାୟତ ସ୍ତରରୁ ହିଁ ସଚେତନତା ସୃଷ୍ଟି ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ପ୍ରସୂତୀ ବିଶେଷଜ୍ଞ ରୁଦ୍ର ନାରାୟଣ ବଳ କର୍ମଶାଳାରେ ଯୋଗ ଦେଇ ବାଲ୍ୟ ବିବାହ ପରେ ପରିବାରରେ ଏବଂ ନାବଳିକା ବୋହୂର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଏବଂ ନାବାଳିକା ବୋହୁଟି ମା' ହେବାପରେ ଦେଖା ଦେଉଥିବା ସ୍ୱାସ୍ଥ୍ୟର ଅବନତି ସମ୍ପର୍କରେ ବୁଝାଇ କହିଥିଲେ। ବାଲ୍ୟବିବାହ ନିଷେଧ ଅଧିନିୟମର ସମସ୍ତ ୧୨ଟି ଧାରା, ଉପଧାରାର ଆଲୋଚନା କର୍ମଶାଳାରେ ସ୍ଥାନ ପାଇଥିଲା। ପଞ୍ଚାୟତ ସ୍ତରରୁ ହିଁ ସଚେତନତା ଜରୁରୀ ବୋଲି ମତ ପ୍ରକାଶ କରାଯାଇଥିଲା।

## ଜାତିଆଣ ବିବାଦର ଆପୋସ ସମାଧାନ ହେଲା

କେନ୍ଦୁଝର, ୧୨।୯ (ସ୍ୱ.ପ୍ର.)

ସଦର ବ୍ଲକ ସାଲିଆପଶି ଗ୍ରାମରେ ଜାତିଆଣକୁ ନେଇ ଦେଖାଦେଇଆସୁଥିବା ବିବାଦର ଆପୋଷ ସମାଧାନ ହୋଇଛି। ଏହି ଗ୍ରାମରେ ବିଭିନ୍ନ ସାଂସ୍କୃତିକ ପୂଜାପର୍ବ ଓ ନାମ ସଂକୀର୍ତ୍ତନ, ମଙ୍ଗଳା ପୂଜା, ସତ୍ୟନାରାୟଣ ପାଲା, ବିବାହ ଉତ୍ସବରେ ଠାକୁରାଣୀ ମଙ୍ଗଳାଶାଳରେ ପୂଜାର୍ଚ୍ଚନା ଆଦିକାର୍ଯ୍ୟରେ ସ୍ଥାନୀୟ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଛୁଆଁଅଛୁଆଁ ଭେଦଭାବ ରଖି ସାମାଜିକ ସ୍ତରରେ ମାନସିକ ଯନ୍ତ୍ରଣା ଓ ନିର୍ଯାତନା କରାଯାଇଆସୁଥିବାରୁ ଜୁନ ୨୦ ତାରିଖରେ ଏସପି କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ନ୍ୟାୟ ଦେବା ସହ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଲିଖିତ ଅଭିଯୋଗ ହୋଇଥିଲା। ଏହାର ସମାଧାନ ପାଇଁ ଏସପିଙ୍କ ଆଦେଶକ୍ରମେ ସଦର ଏସଡିପିଓ ଓ ପଳାଶପଙ୍ଗା ଫାଣ୍ଡି ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ଉଭୟ ପକ୍ଷଙ୍କ ବୟାନ ରେକର୍ଡ କରିବା ସହ ଏହାର ସମାଧାନ କରିଥିଲେ । ଏହି ଆଲୋଚନା ବେଳେ ପାତ୍ରତନ୍ତୀ କଲ୍ୟାଣ ସମିତିର ସାଧାରଣ ସଂପାଦକ ଶରତ ଚନ୍ଦ୍ର ପାତ୍ର, ସ୍ଥାନୀୟ ସରପଞ୍ଚ ତଥା ସ୍ଥାନୀୟ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ସାମାଜିକ ଜାତିଆଣ ବିବାଦର ଆପୋଷ ସମାଧାନ ହୋଇ ପାରିଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନାମ ଚରଣ ପାତ୍ର, ଗ୍ରାମ ଦେହୁରୀ ଧନେଶ୍ୱର ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଜାତିଆଣ ସମାଧାନ ବୈଠକରେ ଉପସ୍ଥିତ ସଦସ୍ୟ।

## ଅବକାରୀ ବିଭାଗ ଅଫିସରେ ଝୁଲୁଛି ତାଲା

ତେଲକୋଇ, ୧୨।୯(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଅବକାରୀ ବିଭାଗର କାର୍ଯ୍ୟାଳୟ ରହିଛି। ତେବେ ବିଭାଗ କାର୍ଯ୍ୟାଳୟ ତାଲା ପଡିରହିଛି। ଏଥିଯୋଗୁ ଦେଶୀ ଓ ବିଦେଶୀ ନକଲି ମଦର ବିକ୍ରି ବ୍ୟାପକ ଭାବେ ଚାଲିଛି। ବିଭିନ୍ନ ଗ୍ରାମରେ ଦେଶୀ ମଦ ରନ୍ଧା ଯାଇ ବ୍ୟବସାୟ କରାଯାଉଥିବା ବେଳେ ବିଦେଶୀ ମଦ ଅଞ୍ଚଳର ବିଭିନ୍ନ ଛକ ସ୍ଥାନରେ ବହୁଳ ପ୍ରସାର ହେବାରେ ଲାଗିଛି । ବିଦେଶୀ ମଦ କାରବାରକୁ ପୋଲିସ ବିଭାଗ ରୋକ ଲଗାଇଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଏହି ବ୍ଲକ ଅଧୀନରେ ଅବକାରୀ ବିଭାଗରେ ତାଲା ଝୁଲି ରହିଥିବା ଯୋଗୁ ଦେଶୀ ବିଦେଶୀ ମଦ ଦୋକାନର ଖୁଲମଖୁଲା ପ୍ରସାର ଆରମ୍ଭ ହୋଇଛି। ଏସମ୍ପର୍କରେ ଅବକାରୀ ବିଭାଗ ସବଇନ୍ସପେକ୍ଟର ବି.ନାୟକଙ୍କୁ ପଚାରିବାରୁ ଆମର ଷ୍ଟାଫ କମଥିବା ଯୋଗୁ ମଝିରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରୁଛୁ ବୋଲି ସେ କହିଥିଲେ।

## ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କୁ ଦକ୍ଷତା ବିକାଶ ତାଲିମ




ଛେଣ୍ଡିପଦା,୧୨।୯(ଡି.ଏନ.ଏ.):

ଅନୁଗୋଳ ବନଖଣ୍ଡ ତଥା ଜରପଡା ବନାଞ୍ଚଳ ଅନ୍ତର୍ଗତ ଅନ୍ତୁଲିଆ ବନ ବିଶ୍ରାମାଗାରଠାରେ ଗୁରୁବାର ବନ ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜରପଡା ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ଓ ପରିବେଶ ସୁରକ୍ଷା, ଚାରାରୋପଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବନ ଜୀବିକା ଏବଂ ଆର୍ଥିକ ଅଗ୍ରଗତି ଆଦି ଉପରେ ସମିତି ସଭ୍ୟା ସଭ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଅନୁଗୋଳ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଟିମ ଲିଡର ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ଯଶୋବନ୍ତ ସାହୁ, ପରିବେଶବିତ ସୁଶୀଳ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

- ଏସେଲ ଖଣିରେ ସ୍ଥାନୀୟଙ୍କୁ ଉପେକ୍ଷା

## ପରିବହନ ବନ୍ଦ କଲେ ଅଞ୍ଚଳବାସୀ

ଯୋଡ଼ା, ୧୨।୯ (ଡି.ଏନ.ଏ.)



ଏସେଲ ଖଣି ପରିବହନ ଗେଟ୍ ବନ୍ଦ।

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ଜୁରୁଡିସ୍ଥିତ ଏସେଲ ଖଣିରେ ଖଣିଜ ପରିବହନକୁ ନେଇ କମ୍ପାନୀର ପରିବହନ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦ କରିଦେଇଥିବା ଜଣାପଡିଛି। ବୁଧବାର ରାତିରେ ଏସେଲ ଖଣିରୁ ବସନ୍ତପୁରସ୍ଥିତ ପ୍ରୋ ମିନେରାଲ ଶିଳ୍ପକୁ ଖଣିଜ ପରିବହନ ହେଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଲୁହା ପଥର ପରିବହନ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ। ଗୁରୁବାର ସକାଳ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳବାସୀ ଏସେଲ ମାଇନିଂର ମୁଖ୍ୟ ଖଣିଜ ପରିବହନ ଗେଟ୍ ସମ୍ମୁଖରେ ଶତାଧିକ ଲୋକ ଏକତ୍ରିତ ହୋଇ ପରିବହନ କାର୍ଯ୍ୟକୁ ବନ୍ଦ ରଖିଥିଲେ। ଏହି ବନ୍ଦର କାରଣ ସମ୍ପର୍କରେ ଜଣାପଡିଛି ଯେ, ଖଣି କମ୍ପାନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉକ୍ତ ପରିବହନ କାର୍ଯ୍ୟ ନ ଦେଇ ଗୁପ୍ତ ଭାବେ କାଳିମାଟି ଅଞ୍ଚଳର ଏକ ପରିବହନ ସଂସ୍ଥାକୁ ପରିବହନ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଉକ୍ତ ପରିବହନ ସଂସ୍ଥା ପକ୍ଷରୁ ବୁଧବାର ଏସେଲ ଖଣିରୁ ପ୍ରୋ ମିନେରାଲକୁ ଖଣିଜ ପରିବହନ କରିବା ପାଇଁ ୪ଟି ଗାଡି ଖଣି ମଧ୍ୟକୁ ପ୍ରବେଶ କରିଥିଲା। ଗୋଟିଏ ଗାଡି ଖଣିଜ ପରିବହନ କରି କଣ୍ଟାରେ ଓଜନ ହେବା ପାଇଁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହା ଜାଣିପାରି ଖଣିର ପରିବହନ ଗେଟ୍‌କୁ ବନ୍ଦ କରିଦେଇଥିଲେ। ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ଜଜାଙ୍ଗ ସରପଞ୍ଚ ରତ୍ନମଣୀ ନାଏକ, ସମିତିସଭ୍ୟ, ଜୁରୁଡି ସରପଞ୍ଚ ସୁଜାତା ହେମ୍ବ୍ରମ ଓ ଜଳହରି ପଞ୍ଚାୟତର ସରପଞ୍ଚ ମିତା ମୁଣ୍ଡା, ସମିତିସଭ୍ୟ ଓ ତାଙ୍କ ସମର୍ଥକଙ୍କ ସହ ଏନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ପରିବହନ କାର୍ଯ୍ୟ ନ ଦେଇ କିପରି ଉକ୍ତ ୩ଟି ଗ୍ରାମପଞ୍ଚାୟତରୁ ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ପରିବହନ କାର୍ଯ୍ୟ ଦିଆଗଲା ବୋଲି ପ୍ରଶ୍ନର ଉତ୍ତରରେ କମ୍ପାନୀ ଅଧିକାରୀମାନେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପରିବହନ କାର୍ଯ୍ୟ ଦେବା ନେଇ ଆଗାମୀ ୧୫ ଦିନ ମଧ୍ୟରେ କମ୍ପାନୀର ଉଚ୍ଚ ଅଧିକାରୀଙ୍କ ସହ କଥାବାର୍ତ୍ତା ହେବେ। ଏହି ସମୟ ମଧ୍ୟରେ ଏସେଲ ଖଣିରୁ ବସନ୍ତପୁରସ୍ଥିତ ପ୍ରୋମିନେରାଲ ଶିଳ୍ପକୁ ଖଣିଜ ପରିବହନ ବନ୍ଦ ରଖାଯିବ ବୋଲି କମଳପୁର ଗ୍ରାମର ହରେକୃଷ୍ଣ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ସ୍ଥାନୀୟ ସରପଞ୍ଚ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ଏସେଲ ଖଣିର ସମସ୍ତ ପରିବହନ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଦିଆଯିବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ କେଉଁ ସ୍ୱାର୍ଥରେ କମ୍ପାନୀ କର୍ତ୍ତୃପକ୍ଷ ବାହାର ଅଞ୍ଚଳର ବ୍ୟକ୍ତି ଙ୍କୁ ଗୁପ୍ତ ଭାବେ ପରିବହନ କାର୍ଯ୍ୟ ଦେଇଛି ତାହା ସନ୍ଦେହଜନକ। ଅନ୍ୟପକ୍ଷରେ ଏନେଇ ଏସେଲ ଖଣିର ମାନବ ସମ୍ବଳ ଅଧିକାରୀ ଚିତ୍ତରଞ୍ଜନ ବାହିନୀପତି କହିଛନ୍ତି ଯେ, ଖଣିରେ ଖଣିଜ ପରିବହନକୁ ନେଇ କୌଣସି ପ୍ରକାର ଘଟଣା ଘଟିନାହିଁ। କେବଳ ଖଣିରେ ନିଯୁକ୍ତି ନେଇ ଅଞ୍ଚଳବାସୀ ଦାବି କରିଥିଲେ। ଏନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନିଯୁକ୍ତି ଓ ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି ଏବଂ ଏକ୍ଷେତ୍ରରେ ମଧ୍ୟ କମ୍ପାନୀ ଅଞ୍ଚଳବାସୀଙ୍କ ଦାବି ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଥିଲେ। ବୁଧବାର ଠାରୁ ପରିବହନ କାର୍ଯ୍ୟ ବନ୍ଦ ହୋଇଥିବାରୁ ଆଇନ୍ ଶୃଙ୍ଖଳା ପରିସ୍ଥିତି ପାଇଁ ଏକ ସେକ୍ସନ ପୋଲିସ ମୁତୟନ କରାଯାଇଥିବା ସ୍ଥାନୀୟ ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମଉଡ଼ମଣି ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପ୍ରସ୍ତୁତି ବୈଠକ
## ଦ୍ୱିତୀୟା ଓଷାରେ ଉଠିବ ମାଟି

**ଭୁବନ, ୧୨।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଦ୍ୱିତୀୟା ଓଷାରେ ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ମାଟି ଅନୁକୂଳ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏଥିସହ ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରିବାକୁ କର୍ମକର୍ତ୍ତାମାନେ ସହମତି ପ୍ରକାଶ କରିଛନ୍ତି। ବରିଷ୍ଠ କର୍ମକର୍ତ୍ତା ସୁବ୍ରତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ସମ୍ପାଦକ ଅନୁକୂଳ ପୋଥାଳ ବିଗତ ବର୍ଷର ଆୟବ୍ୟୟ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ଏହାପରେ ପୂଜାକୁ ଶୃଙ୍ଖଳିତ କରିବାକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ନାରାୟଣ ଗୁର ପୂଜାର ସମସ୍ତ ଦାୟିତ୍ୱ ତୁଲାଇବେ। ବାସୁଦେବ ଗୁରୁଙ୍କୁ ମୂର୍ତ୍ତି ନିର୍ମାଣ, ସାଜସଜ୍ଜା, ଭଗବାନ ଗୁରୁଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭସାଣିର ସମସ୍ତ ଦାୟିତ୍ୱ ଦିଆଯାଇଛି। ଯୁବ କର୍ମକର୍ତ୍ତା ବିନୋଦ ମହାରଣା, କୈଳାସ ଚନ୍ଦ୍ର ପାତ୍ର, ବିଳାସ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି ସ୍ଥିର କରାଯାଇଛି।

## ରେଳ ଧାରଣା ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେନ୍ଦୁଝର, ୧୨।୯ (ସ୍ୱ.ପ୍ର.):** କେନ୍ଦୁଝର ଟାଉନ ଥାନା ହରିଡାଗୋଠ ନିକଟସ୍ଥ ରେଳ ଧାରଣା ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏଥିସହ ଟ୍ରେନ ଲାଇନ ମଧରେ ଉକ୍ତ ଯୁବକଙ୍କ ଗୋଟିଏ ପାଦ କଟି ପଡିଥିବା ସହ ତାଙ୍କ ମୁଣ୍ଡରେ କ୍ଷତ ଥିବା ଦେଖିବାକୁ ମିଳିଛି । ଯୁବକ ଜଣଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ

**ଯୋଡ଼ା, ୧୨।୯ (ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ରୁଗୁଡି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଉତ୍ପାତ କରି ଜଣଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଦେଇଛି। ଦନ୍ତା ହାତୀଟି ପଲରୁ ବାହାରି ଗ୍ରାମ ଭିତରକୁ ପଶି ଆସିଥିଲା। ଉକ୍ତ ଗ୍ରାମରେ ଥିବା ବୈରାଗୀ ସେଠୀଙ୍କ ଘର ଭାଙ୍ଗି ଆସବାବପତ୍ର ନଷ୍ଟ କରି ଦେଇଥିଲା। ଏଥିସହ ଘରେ ରଖାଯାଇଥିବା ଧାନ, ଚାଉଳ ଖାଇବା ସହିତ ଦଳି ଚକଟି ନଷ୍ଟ କରିଦେଇଥଲା। ବନ ବିଭାଗ କର୍ମଚାରୀ ପହଞ୍ଚି ଥିଲେ ହେଁ ହାତୀର ଉତ୍ପାତକୁ ରୋକି ପାରି ନ ଥିଲେ। ଗୁରୁବାର ହାତୀଟି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ■ହାତୀ ଉପଦ୍ରବରେ ଅଞ୍ଚଳବାସୀ ଅତିଷ୍ଠ
# ସୁରକ୍ଷା, କ୍ଷତିପୂରଣ ଦାବି

**ଢେଙ୍କାନାଳ ଅଫିସ, ୧୨।୯**

ହାତୀ ଉପଦ୍ରବରେ ଅତିଷ୍ଠ ହୋଇପଡ଼ିଛନ୍ତି ପରଜଙ୍ଗ ବ୍ଲକବାସୀ। ଦୀର୍ଘ ୪ବର୍ଷ ହେଲା ଅଞ୍ଚଳରେ ହାତୀପଲ ଫସଲ ନଷ୍ଟ କରି ଚାଲିଛନ୍ତି। ଏଥିରେ ବ୍ୟାପକ ଧନଜୀବନ ହାନି ହେଲାଣି। ଏହାର ପ୍ରତିକାର ଏବଂ ଉପଦ୍ରୁତ ଅଞ୍ଚଳବାସୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ୬ଦଫା ଦାବି ନେଇ ସ୍ଥାନୀୟ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି।

ହାତୀ ଆକ୍ରମଣରେ ମୃତ ଏବଂ ଆହତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ସେମାନଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ଚାକିରି, ହାତୀ ଉପଦ୍ରୁତ ଅଞ୍ଚଳରେ ସୋଲାର ବାଡ଼ ନିର୍ମାଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ରାସ୍ତାକଡ଼ରୁ ବୁଦୁବୁଦିଆ ଜଙ୍ଗଲ ସଫା, ଘର ଭାଙ୍ଗିଥିବା ପରିବାରକୁ ଆବାସ ଯୋଜନାରେ ସାମିଲ, ଫସଲ ନଷ୍ଟ ଲାଗି ଆର୍ଥିକ ସହାୟତା, ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଆବେଦନ ବ୍ୟବସ୍ଥା କରିବା ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ ରହିଛି।

ହାତୀ ଉପଦ୍ରବରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବାକୁ ଡମୋଳ ଗ୍ରାମର ରଞ୍ଜନ କୁମାର ରାଉତ, ଲୋଧଣି ଗ୍ରାମ ସଭାପତି ଶ୍ରୀନିବାସ ସାହୁ, ପାଳସାହିର ଯୁଧିଷ୍ଠିର ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ପାଣିଭଣ୍ଡାର ଗ୍ରାମର ପୀତବାସ ପରିଡ଼ା, ବାଉରୀବନ୍ଧୁ ଖିଲାର, ସନ୍ତୋଷ କୁମାର ବିଶ୍ୱାଳ, କାର୍ତ୍ତିକେଶ୍ୱର ପ୍ରଧାନ, ସୁବଳ ରାଉତ, ମାନସ କୁମାର ପରିଡ଼ା ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।


ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।



### ■ବନ୍ଧୁକଧାରୀଙ୍କ ଆତଙ୍କରାଜ
## ନେଇଗଲେ ଟ୍ରାନ୍ସଫର୍ମର ଯନ୍ତ୍ରାଂଶ

**ପରଜଙ୍ଗ, ୧୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଡ଼ଝରା ଗ୍ରାମ ରେଙ୍ଗାଳି କେନାଲ ନିକଟ ମଗରମୁହାଣ ମେଗା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଉଥିବା ୫୦୦ କେଭି କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଛି। ୧୦ରୁ ୧୨ଜଣ ଦୁର୍ବୃତ୍ତ ଦୁଇଟି ଗାଡ଼ିରେ ଆସି ରାତ୍ର ଜଗୁଆଳିଙ୍କୁ ବନ୍ଧକ ରଖି ଟ୍ରାନ୍ସଫର୍ମର କଏଲ ଏବଂ ଅଏଲ ନେଇଯାଇଛନ୍ତି। ସେସୁ ଏସ୍‌ଡିଓ ସିପକ ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ପ୍ରକଳ୍ପରେ ରାତ୍ର ଜଗୁଆଳି ଭାବେ କୁଆଁରୁ ବିଶ୍ୱାଳଙ୍କୁ ବିଭାଗ ପକ୍ଷରୁ ନିୟୋଜିତ କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଦୁଇଟି ଗାଡ଼ିରେ ୧୦ରୁ ୧୨ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ତାଙ୍କୁ ଘରେ ପୂରାଇ କବାଟ ବନ୍ଦ କରିଦେଇଥିଲେ। ଏହାପରେ ଟ୍ରାନ୍ସଫର୍ମର ଖୋଲି ସେଥିରେ ଥିବା ତେଲ, ତମ୍ବା କଏଲ ବାହାର କରିଥିଲେ। ଇତି ମଧ୍ୟରେ ସକାଳ ହୋଇଯାଇଥିଲା। ବଡ଼ଝରା ଗ୍ରାମର ଆଦିକନ୍ଦ ସାହୁ, ତାଙ୍କ ସ୍ତ୍ରୀ ନିକଟରେ ଥିବା ବଗିଚାକୁ ପରିବା ତୋଳିବାକୁ ଆସିଥିବାବେଳେ ଟ୍ରାନ୍ସଫର୍ମର ଖୋଲାଯାଇଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ଅଭିଯୁକ୍ତମାନେ ଟ୍ରାନ୍ସଫର୍ମର ମରାମତି କରୁଥିବା କହି ସେମାନଙ୍କୁ ଭୁଆଁ ବୁଲାଇଥିଲେ। ତଥାପି ସେମାନେ ବିରୋଧ କରିବାରୁ ଦମ୍ପତିଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ଭୟଭୀତ କରାଇ ସେଠାରେ ବସାଇ ଦେଇଥିଲେ। ଅନ୍ୟ ଚାଷୀମାନେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଅଳ୍ପ କିଛି ସାମଗ୍ରୀ ଛାଡ଼ିଦେଇ ଆଉ ସବୁ ଗାଡ଼ିରେ ଧରି କାମାକ୍ଷାନଗର ଆଡ଼କୁ ପଳାଇଥିଲେ। ପୂର୍ବରୁ ମଧ୍ୟ ଏହି ପ୍ରକଳ୍ପର ୨ଟି ଟ୍ରାନ୍ସଫର୍ମରରୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା।

## ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ମିଳୁନି



**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ସଦର ବ୍ଲକ ନୂଆଗାଁ ବାହାଣିଆ ସାହି ଅନ୍ତର୍ଗତ ୬ନଂ. ୱାର୍ଡର ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୪୦ ପରିବାର ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ ଅଧିକାରୀ ପଦକ୍ଷେପ ନେଉଥିବାରୁ ସମ୍ପୃକ୍ତ ପରିବାର ଗୁରୁବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ, ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ସେମାନଙ୍କ ଘରେ ସରଞ୍ଜାମ ଲଗାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ଦିଆଯାଉନାହିଁ। ସେମାନେ ଯୋଜନାର ଲାଭ ଉଠାଇପାରୁନାହାନ୍ତି। ଏ ନେଇ ଗତ ଜୁନ ୧୦ରେ ହିତାଧିକାରୀମାନେ ସ୍ଥାନୀୟ ସେସୁ କନିଷ୍ଠଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ୧୦ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଉକ୍ତ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ପୂରଣରେ ବିଭାଗ ବିଫଳ ହୋଇଛି। ଏପରି କି ହିତାଧିକାରୀଙ୍କ ନିକଟରୁ ବିଦ୍ୟୁତ୍ ସଂଯୋଗ ପାଇଁ ୫୦୦ ଟଙ୍କା ଲେଖାଏ ନିଆଯାଇଥିବା ବିପିନ କୁମାର ବରାଳ, ପବିତ୍ର ମୋହନ ବରାଳ, ପ୍ରିୟବ୍ରତ ବେହେରା, ମିଟନ ବେହେରା, ସମୀର ବେହେରା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ପ୍ରେମିକ ଗିରଫ

**ଢେଙ୍କିକୋଟ, ୧୨।୯(ଡି.ଏନ୍.ଏ.)**

ପଣ୍ଡାପଡ଼ା ଥାନା ଅନ୍ତର୍ଗତ କମାରନାଳି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଘଟଗାଁ ଫରେଷ୍ଟ ଅଫିସ୍‌ରେ କାର୍ଯ୍ୟରତ ୱାଚମ୍ୟାନ୍ ବାଇଗଣପାଳ ଗ୍ରାମର ସଞ୍ଜିତ ନାୟକ(୨୫) ଦୀର୍ଘ ଦୁଇ ବର୍ଷ ହେଲା ଭଲପାଇ ଆସୁଥିଲେ। ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ଥିଲା। ମାତ୍ର ପ୍ରେମିକା ଜଣଙ୍କ ପ୍ରେମିକ ସଞ୍ଜିତଙ୍କୁ ଚଳିତ ବର୍ଷ ବିବାହ କରିବା ପାଇଁ ଜିଦ୍ କରିବାରୁ ସେ ଧରାଛୁଆଁ ଦେଇ ନ ଥିଲେ। ଏମିତିକି ତାଙ୍କର ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଫଳରେ ନିରାଶ ପ୍ରେମିକା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ଘଟଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ସଞ୍ଜିତଙ୍କୁ ଗିରଫ କରିଛନ୍ତି। ପଣ୍ଡାପଡ଼ା ଥାନାରେ ଏକ ବଳାତ୍କାର ମାମଲା (ନଂ.୬୯/୧୯) ରୁଜୁ କରି ବୁଧବାର ଅପରାହ୍ନରେ ଉଭୟ ପ୍ରେମିକ ପ୍ରେମିକାଙ୍କୁ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା। ଏହାପରେ ସଞ୍ଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ■ତେଜିଲା ମଦବିରୋଧୀ ଆନ୍ଦୋଳନ
## ମଦ ଦୋକାନ ସ୍ଥାନାନ୍ତର ଦାବି


ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ସଦର ବ୍ଲକ ପାଇକଦହିକୋର ଗ୍ରାମବାସୀ ନିଶା ବିରୋଧୀ ଆନ୍ଦୋଳନକୁ ତୀବ୍ର କରିଛନ୍ତି। ଗୁରୁବାର ଶତାଧିକ ମହିଳାପୁରୁଷ ଏକାଠି ହୋଇ ଗ୍ରାମ ନିକଟରେ ଥିବା ଦେଶୀ ମଦ ଦୋକାନ ବନ୍ଦ କରିଥିଲେ।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମ ପାଖରେ ମଦ ଦୋକାନ ଏବଂ ଭାଟି ଥିବାରୁ ପଦ୍ୟପଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେତେଜଣ ନିଶାଖୋର ବ୍ୟକ୍ତି ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେମାନେ ମଦପିଇ ଦ୍ରୁତ ଗତିରେ ଗାଡ଼ିଚାଳନା କରିବା ସହ ଝିଅବୋହୂଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଛନ୍ତି। ସେମାନଙ୍କ ବ୍ୟବହାର ଦିନକୁ ଦିନ ଅସହ୍ୟ ହେଉଛି। ମଦ୍ୟପମାନେ ବିଭିନ୍ନ ସ୍ଥାନରେ ମଦ ବୋତଲ ଭାଙ୍ଗି ପକାଉଥିବାରୁ ଯାତାୟାତରେ ସମସ୍ୟା ହେଉଛି। ତୁରନ୍ତ ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ପାଇ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ସବିତା ପାତ୍ର, ସରପଞ୍ଚ ସୁଶାନ୍ତ କୁମାର ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀ ମାନେ।

**ସାତମାଇଲ, ୧୨।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଗୁରୁବାରଠାରୁ ୪ପର୍ଯ୍ୟାୟ ବିଶିଷ୍ଟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ୧୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ୧୨୦ଜଣ ଛାତ୍ରୀ ଭାଗ ନେଇଛନ୍ତି।

କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଢେଙ୍କାନାଳ କଲେଜ ଅଧ୍ୟାପକ ରଣଜିତ ପ୍ରଧାନ, ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳର ଜିଲା ସଂଯୋଜକ ଅଧ୍ୟାପକ ସାରଦା ପ୍ରସନ୍ନ ପତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଉତ୍ସାହିତ କରାଇଥିଲେ। ଅଧ୍ୟାପିକା ତଥା ସଂଯୋଜିକା ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ବୀଣାପାଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଚ୍ଚନା ପ୍ରଧାନ, କଳ୍ପନା ସାହୁ, ଶାଶ୍ୱତୀ ରାଉତ, ଶତରୂପା ଦେହୁରୀ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦେଉଛନ୍ତି।

### ■ପାଇକ ସମ୍ମିଳନୀରେ ଆହ୍ୱାନ
# 'ସଙ୍ଗଠିତ ହୁଅ, ହକ୍ ପାଇଁ ଲଢ଼'

**ପରଜଙ୍ଗ, ୧୨।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଛିନ୍ନମସ୍ତା ମନ୍ଦିର ପ୍ରାଙ୍ଗଣରେ ପାଇକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଶା ପାଇକ ସଂଘର ଆହ୍ୱାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକର ପାଇକମାନେ ଉପସ୍ଥିତ ଥିଲେ। ଜିଲା ପାଇକ ସଂଘ ସମ୍ପାଦକ ସନ୍ତୋଷ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ପାଇକ ସଂଘ ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି କାମାକ୍ଷାନଗର ବ୍ଲକ ସଭାପତି ନିଶାକର ଜେନା ଯୋଗଦେଇ ପାଇକଙ୍କୁ ସଙ୍ଗଠିତ ହୋଇ ହକ୍ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନ ଲାଗି ବ୍ୟାପକ ପ୍ରସ୍ତୁତି ଚାଲିଛି। ଜିଲାର ବିଭିନ୍ନ ଗ୍ରାମରେ ରହୁଥିବା ପାଇକଙ୍କୁ ଏକାଠି କରିବାକୁ ଅକ୍ଟୋବର ପଞ୍ଚମୀ ତିଥିରେ କାମାକ୍ଷାନଗରରେ ଉପଖଣ୍ଡସ୍ତରୀୟ ସମ୍ମିଳନୀ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏହି ଅବସରରେ ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ହୃଦୟ ଚନ୍ଦ୍ର ଚମ୍ପତସିଂ, ଉପସଭାପତି ନିର୍ମଳ ଚନ୍ଦ୍ର ଗଡ଼ନାୟକ, ଅଶୋକ କୁମାର ଜେନା, ସୁବ୍ରତ ଜେନା, ସମ୍ପାଦକ ରଞ୍ଜନ ଶ୍ରୀଚନ୍ଦନ ରାୟ, କୋଷାଧ୍ୟକ୍ଷ ରବିନାରାୟଣ ଜେନା ମନୋନୀତ ହୋଇଛନ୍ତି। ଉଦୟନାଥ ନାୟକ, ସତ୍ୟାନନ୍ଦ ଚମ୍ପତ ସିଂ, ଭିକାରି ଚରଣ ବର୍ମା, ଶରତ ଚନ୍ଦ୍ର ପ୍ରଧାନ, ତପନ ସିଂ, ସରୋଜ ଧଳ, ଧୀର ଜେନା, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ନବକିଶୋର ନାୟକ, ପରଦେଶୀ ଜେନା, ଅମିତ କୁମାର ଜେନା, କବିରାଜ ବିଶ୍ୱାଳ, ଅରବିନ୍ଦ ଦଳବେହେରା ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଏଥିସହ ପାଇକ ପରିବାର ରହୁଥିବା ଗ୍ରାମରୁ କେତେଜଣଙ୍କୁ ସ୍ୱତନ୍ତ୍ର ଭାବେ ଚୟନ କରାଯାଇ ଉକ୍ତ କମିଟିରେ ସାମିଲ କରାଯାଇଛି। ସମ୍ମିଳନୀରେ ଶ୍ରୀକାନ୍ତ ବିଶ୍ୱାଳ, ପଙ୍କଜ ଜେନାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପାଇକ ସଂଘର କର୍ମକର୍ତ୍ତାମାନେ।

Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୧୩ ସେପ୍ଟେମ୍ବର /୨୦୧୯, Dhenkanal, Friday September 13 / 2019

## ସଂକ୍ଷେପରେ

### ବାଇକ୍ ଆରୋହୀଙ୍କୁ ଚାପିଦେଲା ଟ୍ରକ୍

**ଢେଙ୍କାନାଳ ଅଫିସ, ୧୨।୯:** ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥର ସିମିନଈ ଛକରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୪୫ରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିହାର ରଞ୍ଜନ ମିଶ୍ର(୨୫)। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ କିଛି ସମୟ ପାଇଁ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସୋଳ ଥାନା ବେଡ଼ାପଡ଼ା ନିକଟ ବ୍ରହ୍ମପୁର ଗ୍ରାମର ନୀହାର ବାଇକ୍ ସର୍ଭିସିଂ କରିବାକୁ ଢେଙ୍କାନାଳ ଆସି ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସୂଚନା ପାଇ ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ଝାରଗାଡ଼ିଆ ଫାଣ୍ଡି ଅଧିକାରୀ ବିଜୟ କୁମାର ସେଠୀ ସଦଳବଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏ ନେଇ ନଂ. ୩୨୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### କେନାଲରେ ଭାସିଯାଇ ଯୁବକ ମୃତ

**କାମାକ୍ଷାନଗର, ୧୨।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କାଲଦା ଗ୍ରାମ ନିକଟ ରାମିଆଳ କେନାଲରେ ଗୁରୁବାର ଅପରାହ୍ନରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲଦା ଗ୍ରାମର ଅନନ୍ତ ଘଡ଼େଇଙ୍କ ପୋଲିଓ ଆକ୍ରାନ୍ତ ପୁଅ କନ୍ଦର୍ପ (୩୫)। କେନାଲକୁ ଶୌଚ ହେବାକୁ ଯାଇଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ଜଳସ୍ରୋତରେ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା: ଢେଙ୍କାନାଳର ୪ ଜଣିଆ ଦଳ ଚୟନ

**ଢେଙ୍କାନାଳ ଅଫିସ, ୧୨।୯:** ସେପ୍ଟେମ୍ବର ୧୪ରୁ ବୌଦ୍ଧରେ ଆୟୋଜିତ ହେଉଛି ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା। ଏଥିରେ ଭାଗ ନେବାକୁ ଢେଙ୍କାନାଳ ଜିଲାର ୪ଜଣିଆ ଦଳ ଚୟନ କରାଯାଇଛି। ମନୋନୀତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ବରିଷ୍ଠ ପୁରୁଷ ବିଭାଗରେ ସୌମ୍ୟବ୍ରତ ସାହୁ (ଅଧିନାୟକ), ବରିଷ୍ଠ ମହିଳା ବିଭାଗରେ କାମାକ୍ଷାନଗରର ଲତା ହେମ୍ବ୍ରମ, ମିନି ବିଭାଗରେ ଫୁଲମଣି ଟୁଡୁ ଏବଂ ଦୀପିକା ମାରାଣ୍ଡି ଅଛନ୍ତି। କୋଚ୍ ତଥା ମ୍ୟାନେଜର ମାଧବ ମାରାଣ୍ଡି ଦଳ ସହିତ ଯାତ୍ରା କରିବେ ବୋଲି ଜିଲା ତୀରନ୍ଦାଜ ସଂଘ ସମ୍ପାଦକ ଅମିୟ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

■ନୂଆ ନିୟମ ଲାଗୁ ପରେ ତତ୍ପରତା

# ୧୧ ଦିନରେ ୪୩୦୨ ଲାଇସେନ୍ସ ଆବେଦନ

■୧୩ ମଦ୍ୟପ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ

■ଆର୍‌ଟିଓଙ୍କ କାର୍ଯ୍ୟାଳୟରେ ମାତିଛନ୍ତି ଦଲାଲ




**ଢେଙ୍କାନାଳ ଅଫିସ, ୧୨।୯**

ସଂଶୋଧିତ ମୋଟରଯାନ ନିୟମ ଲାଗୁ ହେବା ପରେ ଲାଇସେନ୍ସ ଆବେଦନ ପାଇଁ ଢେଙ୍କାନାଳ ଜିଲାରେ ବେଶ୍ ତତ୍ପରତା ପ୍ରକାଶ ପାଇଛି। ଜିଲା ସଦର ମହକୁମାରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ କାର୍ଯ୍ୟାଳୟରେ ଅସମ୍ଭାଳ ଭିଡ଼ ହେଉଛି। ୧୧ଦିନ ମଧ୍ୟରେ ୪୩୦୨ ଗାଡ଼ି ଚାଳକ ଲର୍ନିଂ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭୮୦ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ପ୍ରତି ମାସରେ ହାରାହାରି ୪୫୦ ଲାଇସେନ୍ସ ପାଇଁ ଆବେଦନ ହେଉଥିଲା। ହେଲେ ନିୟମ ଲାଗୁ ହେବାର ୧୧ ଦିନ ଭିତରେ ୪୩୦୨ ଜଣ ଆବେଦନ କରିବା ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବାକୁ ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅଗଷ୍ଟରେ ୧୩ଜଣ ମଦ୍ୟପ ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଛନ୍ତି। ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏହି ସଂଖ୍ୟା ଜୁଲାଇରେ ୧୧ ଥିଲା।

ଅନ୍ୟପଟେ ଏବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦଲାଲଙ୍କ ପୁଷମାସ ଚାଲିଛି। ସେମାନେ ମନଇଚ୍ଛା ଗାଡ଼ି ଚାଳକଙ୍କୁ ଲୁଟୁଥିବା ଅଭିଯୋଗ ହେଉଛି। ଲର୍ନିଂ ଲାଇସେନ୍ସ ପାଇଁ ସରକାରୀ ଭାବେ ୨୨୨ ଟଙ୍କା ଧାର୍ଯ୍ୟ କରାଯାଇଛି। ହେଲେ ଆବେଦନକାରୀଙ୍କଠାରୁ ଦଲାଲମାନେ ୨ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି, ଯାହାକୁ କାର୍ଯ୍ୟାଳୟର ଅଧିକାରୀ ମଧ୍ୟ ସ୍ୱୀକାର କରିଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଦଲାଲଙ୍କ କବଳରେ ପଡ଼ି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକଙ୍କୁ ତ୍ୱରିତ ସେବା ମିଳୁନାହିଁ, ଯାହାକୁ ନେଇ ହିନସ୍ତା ହେଉଛନ୍ତି ଆବେଦନକାରୀ।

ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ମୋଟରଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ କୁହନ୍ତି, ସଂଶୋଧିତ ଆଇନ ଲାଗୁହେବା ପରେ ଲାଇସେନ୍ସ ଆବେଦନକାରୀଙ୍କ ସଂଖ୍ୟା ବଢ଼ିଛି। କେତେକ ଆବେଦନକାରୀ ଦଲାଲଙ୍କ କବଳରେ ପଡ଼ିଥିବା ନଜରକୁ ଆସିଛି। ଏ ନେଇ ତାଗିଦ୍ କରାଯାଇଛି। ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଦକ୍ଷେପ ନିଆଯାଉଛି।

■ଖାଉଟି ସାମଗ୍ରୀ ପ୍ରଦାନରେ ଅନିୟମିତତା

## କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ



ପଞ୍ଚାୟତ ପ୍ରତିନିଧିମାନେ ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଢେଙ୍କାନାଳ ଅଫିସ, ୧୨।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଉଁରିଆପାଳ ଗ୍ରାମର ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ପ୍ରଦାନରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ଗୁରୁବାର ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀ ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରିବା ସହ ତାଲା ପକାଇଦେଇଥିଲେ।

ଅଭିଯୋଗରୁ ଜଣାପଡ଼ିଛି, କାଉଁରିଆପାଳ ଗ୍ରାମରେ କାର୍ଡଧାରୀଙ୍କ ସଂଖ୍ୟା ୨୨୦। କିନ୍ତୁ ଗ୍ରାମରେ କୌଣସି ରିଟେଲର ପଏଣ୍ଟ ନାହିଁ। ୩ବର୍ଷ ହେଲା ଜଣେ ବ୍ୟକ୍ତିଙ୍କୁ ଯୋଗାଣ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଏଥିରେ ବ୍ୟାପକ ଅନିୟମିତା ହେଉଛି। ଗ୍ରାମରେ ଜଣେ ରିଟେଲର ନିଯୁକ୍ତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ଦିନକୁ ଦିନ ସମସ୍ୟା ବଢ଼ିଚାଲିଥିବାବେଳେ ଗୁରୁବାର ଅସନ୍ତୋଷର ପ୍ରତିଫଳନ ଦେଖିବାକୁ ମିଳିଥିଲା। ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ସମେତ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ଘଟଣାର ତଦନ୍ତ ଦାବିକରି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ନେଇ ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ କୁହନ୍ତି, ଅଭିଯୋଗ ମିଳିଛି। କିଛି ସମସ୍ୟା ରହିଛି। ହେଲେ ଏହାର ପ୍ରାମାଣିକ ତଥ୍ୟ ମିଳୁନାହିଁ। ତଥାପି ଅଭିଯୋଗର ତଦନ୍ତ କରାଯିବ।

## ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧୨।୯**




ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଚଳିତ ଶିକ୍ଷାବର୍ଷର ପ୍ରଥମ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଅଭିଭାବକଙ୍କ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ ରହିଥିବା ମତପ୍ରକାଶ ପାଇଥିଲା। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ ପ୍ରହ୍ଲାଦ ନାୟକ ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାରେ ଚା' ବିକାଳିଙ୍କ ମୃତ୍ୟୁ

**ବଡବିଲ, ୧୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଚା ବିକାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ମାଧବ ଦାସ। ମାଧବ ବୁଲିବୁଲି ନାଲି ଚା' ବିକ୍ରି କରୁଥିଲେ। ବୁଧବାର ରାତିରେ ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ଏକ ଲୁହାପଥର ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ୍ ଚାଳକଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ଫଟୋରେ ଖବର



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥରେ ବିପଦସଙ୍କୁଳ ଅବସ୍ଥାରେ ଶ୍ରମିକଙ୍କୁ ପରିବହନ କରାଯାଉଛି। **(ଫଟୋ: ନିଗମାନନ୍ଦ)**

## ମହିଳାଙ୍କୁ ପୋଡ଼ି ହତ୍ୟା, ୨ ଗିରଫ

**ରାସୋଳ, ୧୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଦଣ୍ଡିରି ପଞ୍ଚାୟତ ଅଧୀନ କାଠଖୁମ୍ପା ଗ୍ରାମର ଜେମାମଣି ସାହୁଙ୍କୁ ଶାଶୁଘର ଲୋକେ ପୋଡ଼ି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ମା' ନଳିନୀ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ସ୍ୱାମୀ ଅମର ସାହୁ ଏବଂ ଶ୍ୱଶୁର ରଥିଆ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୧୦୬/୧୯ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଢେଙ୍କାନାଳରୁ ସାଇଣ୍ଟିଫିକ୍ ଦଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କାଠଖୁମ୍ପା ଗ୍ରାମର ଅମରଙ୍କ ସହ କପିସାହି ଗ୍ରାମର ଜେମାମଣି ୧୦ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ୩ଜଣ ସନ୍ତାନ ଅଛନ୍ତି। ଅମର ବମ୍ବେରେ କାମ କରନ୍ତି। ସେ ୧୦ଦିନ ହେଲା ଘରକୁ ଆସିଥିଲେ। ବୁଧବାର କୌଣସି କାରଣରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ରକରି ଶାଶୁ ଘର ଲୋକେ ଝିଅକୁ କିରୋସିନ ଢାଳି ମାରିଦେଇଥିବା ନଳିନୀ ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପଟେ ଅଭିଯୁକ୍ତ ଅମର କୁହନ୍ତି, ଝଗଡ଼ା ପରେ ଜେମାମଣି ନିଜ ଦେହରେ କିରୋସିନ ଢାଳିହୋଇ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ ମା'ଙ୍କ ମୃତ୍ୟୁ ପରେ ୯ ବର୍ଷର ଝିଅ, ୪ବର୍ଷ ଏବଂ ଦେଢ଼ବର୍ଷର ଦୁଇଜଣ ପୁଅ ଜେଜେ ମା' ସୁପ ସାହୁଙ୍କ ନିକଟରେ ଅଛନ୍ତି। ସୁପଙ୍କ ନାମ ଏତଲାଭୁକ୍ତ ହୋଇଥିବାବେଳେ ତାଙ୍କୁ ଗିରଫ କରାଯାଇନାହିଁ। ଏ ନେଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ସ୍ପଷ୍ଟ ହେବ।

## ପିଲାଙ୍କୁ ସ୍ମାର୍ଟ କରିବ ସ୍ମାର୍ଟକ୍ଲାସ୍



ସ୍ମାର୍ଟକ୍ଲାସ୍ ଶୁଭାରମ୍ଭ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ ଜିଲାର ୫ ସ୍କୁଲ

■ରାଜ୍ୟରେ ପ୍ରଥମ, ଶିକ୍ଷା ବିକାଶରେ ସହାୟକ ହେବ

**ଢେଙ୍କାନାଳ ଅଫିସ, ୧୨।୯**

ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାରଠାରୁ ସ୍ମାର୍ଟକ୍ଲାସ ଆରମ୍ଭ ହୋଇଛି। ଏହି ସ୍ମାର୍ଟକ୍ଲାସରେ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ପ୍ରତି ବିଷୟରେ ସହଜରେ ଶିକ୍ଷାଲାଭ କରିପାରିବେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଶିକ୍ଷାକୁ ସହଜ, ସରଳ, ବୋଧଗମ୍ୟ ଏବଂ ଆମୋଦଦାୟକ କରିବାରେ ସ୍ମାର୍ଟକ୍ଲାସ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ ଜିଲାର ୫ଟି ସ୍କୁଲରେ ଏହା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାର ୮ ବ୍ଲକର ୨୦ ସ୍କୁଲରେ ଏହି ପାଠ୍ୟକ୍ରମ ପ୍ରଚଳନ ହେବ। ଜିଲାର ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ସ୍ମାର୍ଟକ୍ଲାସ ପରିଚାଳିତ ହେବ। ଏହା ୯ମ ଏବଂ ୧୦ମ ଶ୍ରେଣୀର ପିଲାଙ୍କୁ ସ୍ମାର୍ଟ କରିବାରେ ସହାୟକ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଇଓ ଅଜୟ ପାତ୍ର ଯୋଗଦେଇ ସ୍ମାର୍ଟକ୍ଲାସର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଓଡ଼ିଶାରେ ଏହା ହେଉଛି ପ୍ରଥମ ଏବଂ ନୂତନ କାର୍ଯ୍ୟକ୍ରମ। ଜିଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ସଦର ବିଇଓ ନିତ୍ୟାନନ୍ଦ ବାରିକ, କାମାକ୍ଷାନଗର ବିଇଓ ପ୍ରମୁଖ ବିହାର ରାଜ୍ୟର ବାଙ୍କା ଜିଲା ପରିଦର୍ଶନରେ ଯାଇ ସେଠାକାର ସ୍କୁଲରେ କାର୍ଯ୍ୟକାରୀ କରାଯାଇଥିବା ସ୍ମାର୍ଟକ୍ଲାସ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଏହାର ସମୀକ୍ଷା କରାଯିବା ପରେ ଜିଲାରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ସୂଚନା ଦିଆଯାଇଥିଲା।

ପ୍ରଭୁ ଆଶିଷ ମହାପାତ୍ର କାର୍ଯ୍ୟକ୍ରମରେ ବୈଷୟିକ ସହାୟତା ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ